**ଭାଙ୍ଗ ଦୋକାନରୁ ୨୮ କିଲୋ ଗଞ୍ଜେଇ ଜବତ: ଜଣେ କୋର୍ଟ ଚାଲାଣ**

ତିର୍ତ୍ତୋଲ,(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅଧୀନ ରାହାମା ବଜାରରେ ଥିବା ଏକ ସରକାରୀ ଭାଙ୍ଗ ଦୋକାନରୁ ୨୮ କିଲୋ ଗଞ୍ଜେଇ ସୋମବାର ରାତିରେ ପୋଲିସ ଜବତ କରିଥିଲା। ଏହି ଅଭିଯୋଗରେ ଥାନା ଅନ୍ତର୍ଗତ ନାଳିଆପାଳ ଗ୍ରାମର ବୈକୁଣ୍ଠ ଲେଙ୍କାଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଦୋକାନଟି ଅଭିଯୁକ୍ତଙ୍କ ପରିବାର ସଦସ୍ୟଙ୍କ ନାମରେ ରହିଛି। ଏନେଇ ଥାନାରେ ମାମଲା (ନଂ. ୩୪୦/୨୧) ରୁଜୁ କରାଯାଇଛି।



## ସଂକ୍ଷେପରେ

### ନଦୀକୁ ଡେଇଁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ,୧୭।୮(ସ୍ୱ.ପ୍ର.): ବ୍ରାହ୍ମଣୀ ନଦୀ ପତ୍ରପୁର ପୋଲ ଉପରୁ ସୋମବାର ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ପୋଖରୀଆପଡା ଗାଁର ସନ୍ତୋଷ କୁମାର ଲେଙ୍କା (୨୨) ଡେଇଁ ନିଖୋଜ ହୋଇଥିଲେ। ମଙ୍ଗଳବାର ପୋଲଠାରୁ ୧ କି.ମି. ଦୂର ନଦୀ ମଧ୍ୟରେ ସନ୍ତୋଷଙ୍କ ମୃତଦେହ ଭାସୁଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହକୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଆରମ୍ଭ କରିଛି। ସୋମବାର ପୂର୍ବାହ୍ନ ୧୦ଟାରେ ପୋଖରୀଆପଡା ଗାଁର ମାନଗୋବିନ୍ଦଙ୍କ ସାନପୁଅ ସନ୍ତୋଷ ସାଙ୍ଗରେ ଆଣିଥିବା ସାଇକେଲକୁ ଚାବି ପକାଇ କଳାରଙ୍ଗର ସାର୍ଟକୁ ଓହ୍ଲାଇ ପୋଲ ଉପରେ ରଖି ହଠାତ୍ ନଦୀ ମଧ୍ୟକୁ ଡେଇଁ ପଡିଥିଲେ। ନଦୀରେ ମାଛ ଧରୁଥିବା କେତେଜଣ ବ୍ୟକ୍ତି ଏହା ଦେଖି ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୋଟର ବୋଟରେ ଖୋଜାଖୋଜି କରିଥିଲେ ମଧ ସନ୍ତୋଷଙ୍କ ପତ୍ତା ମିଳି ନ ଥିଲା। ବଡ ଭାଇ ରବୀନ୍ଦ୍ର ସୋମବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନାରେ ସନ୍ତୋଷଙ୍କ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।

### ଶିଶୁ ଉଦ୍ୟାନ ନିକଟରୁ ବୃଦ୍ଧଙ୍କ ମୃତଦେହ ମିଳିଲା

ପଟ୍ଟାମୁଣ୍ଡାଇ,୧୭।୮(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀସ୍ଥିତ ଶିଶୁ ଉଦ୍ୟାନ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ପଟ୍ଟାମୁଣ୍ଡାଇ ଥାନା ପୋଲିସ ଜବତ କରିଛି। ମଙ୍ଗଳବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଖବର ପ୍ରଚାରିତ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତରୁ ମୃତବ୍ୟକ୍ତି ନରସିଂହପୁର ପଞ୍ଚାୟତ ଅଇନିପଡା ଗାଁର ଅଜୟ ନାଥ (୫୮) ବୋଲି ଜଣାପଡିଛି। ମୃତଦେହକୁ ତଳ ମୁହାଁ ହୋଇଥିବାବେଳେ ନିକଟରେ ଚପଲ ପଡିଥିବା ଦେଖିବାକୁ ମିଳିଥିଲା। ଶିଶୁ ଉଦ୍ୟାନ ସନ୍ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ମୃତଦେହ ପଡି ରହିଥିଲା। ତେବେ ମୃତ ଅଜୟ କିପରି ଓ କ'ଣ ପାଇଁ ଏହି ସ୍ଥାନକୁ ଆସିଲେ ଏବଂ ତାଙ୍କର ମୃତ୍ୟୁର ନିର୍ଦ୍ଦିଷ୍ଟ କାରଣ କ'ଣ ତାହା ପୋଲିସର ତଦନ୍ତ ପରେ ଜଣାପଡିବ ବୋଲି କୁହାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି।

### ସାପ କାମୁଡାରେ ମହିଳା ଗୁରୁତର

ବାଲିଆ,୧୭।୮: ବିଷଧର ସାପ କାମୁଡ଼ିଦେବାରୁ ବିରିଡି ଥାନା ମଙ୍ଗୁଳି ପଞ୍ଚାୟତ ଅନ୍ତର୍ଗତ ପାର୍ବତୀପୁର ଗ୍ରାମର ଜଣେ ମହିଳା ମଙ୍ଗଳବାର ଗୁରୁତର ହୋଇଛନ୍ତି। ସେ ହେଲେ ଟୁନି ସାହୁ (୫୮)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଟୁନି ସକାଳେ ବାରିରେ ସଫେଇ କାମ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା।

### ମଣିଷ ପଣିଆର ପ୍ରତୀକ ଥିଲେ ନବକିଶୋର

ଡେରାବିଶ,୧୭।୮(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଛୋଟି ପଞ୍ଚାୟତସ୍ଥିତ ରାମଚଣ୍ଡୀ ବିଦ୍ୟା ନିକେତନର ପ୍ରାକ୍ତନ ଶିକ୍ଷକ ତଥା ଅବସରପ୍ରାପ୍ତ ପ୍ରଶାସକ ନବକିଶୋର ମଲ୍ଲଙ୍କ ବିୟୋଗରେ ରବିବାର ଛୋଟି ଗାଁରେ ଦ୍ୱାଦଶାହ ଅବସରରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ଅଧକ୍ଷତା ଓ ଶିକ୍ଷାବିତ୍ ହେମନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧାପକ ଡ. ଭାସ୍କର ଚନ୍ଦ୍ର ଜେନା ଓ ଶରତ ଚନ୍ଦ୍ର ପାତ୍ର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଅକ୍ଷୟ କୁମାର ତରାଇ, ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରଞ୍ଜନ ଦାସ, ମହେଶ୍ୱର ସାହୁ, କିଶୋର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସ୍ୱର୍ଗତ ମଲ୍ଲ ଜଣେ ମଣିଷ ପଣିଆର ପ୍ରତୀକ ଥିଲେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜ କିଶୋର ପତି, ମାୟାଧର ସାହୁ, ନାରାୟଣ ପୃଷ୍ଟି, ଅଶୋକ ସାମଲ, ଶ୍ରୀଧର ଦାସ, ଅଜୟ ମଲ୍ଲ ପ୍ରମୁଖ ସ୍ୱର୍ଗତ ମଲ୍ଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ପ୍ରଥମେ ବେଦପାଠ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାକୁ ସ୍ୱର୍ଗତ ମଲ୍ଲଙ୍କ ପୁତ୍ର ସ୍ମୃତି ରଞ୍ଜନ ମଲ୍ଲ, ରୁଦ୍ର ପ୍ରସାଦ ମଲ୍ଲଙ୍କ ସମେତ ସ୍ଥାନୀୟ ଲୋକ ପରିଚାଳନା କରିଥିଲେ।

# ଆଜିଠୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

- ବନ୍ଦ ପାଇଁ ଜବରଦଖଲକାରୀଙ୍କ ଜିଲାପାଳଙ୍କୁ ଅନୁରୋଧ
- ହେନ୍ତାଳ ବଣ ସୃଷ୍ଟି ଉପରେ ଗୁରୁତ୍ୱ
- ୧,୭୦୦ ଏକର ସରକାରୀ ଜମି ଜବରଦଖଲ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୧୭।୮

ଜଗତ୍‌ସିଂହପୁର ଜିଲାରେ ସରକାରୀ ଜମି ଜବରଦଖଲ କରି ଶତାଧିକ ଲୋକ ଏଥିରେ ଚିଙ୍ଗୁଡି ଚାଷ କରି ଆସୁଛନ୍ତି। ବିଶେଷକରି ଚିଙ୍ଗୁଡି ମାଫିଆମାନେ ରାଜ କରୁଛନ୍ତି। ଗତ ଜୁଲାଇ ୨୪ରେ ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏବେ ଦୀର୍ଘ ବର୍ଷ ପରେ ଜିଲା ପ୍ରଶାସନ ଉଦ୍ୟମରେ ବାଲିକୁଦା, ଏରସମା ତହସିଲ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହେବାକୁ ଯାଉଛି। ରାଜନଗର ବନଖଣ୍ଡ ପକ୍ଷରୁ ବାଲିକୁଦା ତହସିଲ ଅଞ୍ଚଳରେ ମାପଚୁପ ହେବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ବୁଧବାରଠାରୁ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। ଏ ନେଇ ବେଆଇନ ଜବରଦଖଲକାରୀମାନେ ବିବ୍ରତ ହେବା ସହ କୌଣସି ମତେ ଉଚ୍ଛେଦ ବନ୍ଦ ପାଇଁ ଉଦ୍ୟମ କରୁଛନ୍ତି। ଏହା ପଛରେ କେତେଜଣ ଚିଙ୍ଗୁଡି ମାଫିଆ ନେତୃତ୍ୱ ନେଇଥିବା କୁହାଯାଉଛି। ତେବେ ମଙ୍ଗଳବାର ଶତାଧିକ ଲୋକ ଜିଲାପାଳଙ୍କୁ ସାକ୍ଷାତ କରି ଉଚ୍ଛେଦ ବନ୍ଦ ପାଇଁ ଆସିଥିବାବେଳେ



ଚିଙ୍ଗୁଡ଼ିଘେରୀ ଉଚ୍ଛେଦ ବନ୍ଦ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିବାକୁ ଆସିଥିବା ଲୋକେ।

ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏ ସମ୍ପର୍କିତ ଦାବିପତ୍ର ଦେଇଥିଲେ। ପରେ କେତେଜଣ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ସରକାରଙ୍କ ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର ଏକ ବାତ୍ୟା ଓ ବନ୍ୟା ପ୍ରବଣ ଜିଲା ହୋଇଥିବାରୁ ପ୍ରତିବର୍ଷ ଭୟ ରହିଥାଏ। ଚିଙ୍ଗୁଡି ମାଫିଆମାନେ ଜଙ୍ଗଲ ଜମି ଜବରଦଖଲ କରି ହେନ୍ତାଳ ବଣ ନଷ୍ଟ କରି ଦେଉଛନ୍ତି। ଫଳରେ ବାତ୍ୟା ହେଲେ ଏହା ଉଗ୍ର ରୂପ ନେବାର ଆଶଙ୍କା ରହିଛି। ବିଶେଷ କରି ସମୁଦ୍ର ନିକଟବର୍ତ୍ତୀ ଗ୍ରାମଗୁଡିକ ପ୍ରତି ସବୁବେଳେ ବିପଦ ଲାଗି ରହୁଛି। ତେଣୁ ଜବରଦଖଲ ଉଚ୍ଛେଦ ପରେ ସମୁଦ୍ର ଉପକୂଳ ସୁରକ୍ଷା ପାଇଁ ହେନ୍ତାଳ ବଣ ସୃଷ୍ଟି ଓ ଅନ୍ୟାନ୍ୟ ପଦକ୍ଷେପ ନିଆଯିବାକୁ ଚିନ୍ତା କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଉଛି।

ଜିଲାର ବିଶେଷକରି ଏରସମା, ବାଲିକୁଦା ଓ କୁଜଙ୍ଗ ତହସିଲ ଅନ୍ତର୍ଗତ ବ୍ୟାପକ ଅଞ୍ଚଳରେ ଚିଙ୍ଗୁଡି ଚାଷ ହେଉଛି। ସରକାରୀ ଭାବେ ଜିଲାର ୬,୨୫୦ (୨୫୦୦ ହେକ୍ଟର) ଏକର ବେସରକାରୀ ଜମିରେ ଏହି ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାବାଦ୍ ଏବେ ସୁଦ୍ଧା ଏରସମା ଓ ବାଲିକୁଦା ତହସିଲ ଅନ୍ତର୍ଗତ ୧୭୦୦ ଏକର ସରକାରୀ ଜମି ଜବରଦଖଲ ସହ ଏଥିରେ ଚିଙ୍ଗୁଡି ଘେରି କରାଯାଇଥିବା ଚିହ୍ନଟ ହୋଇଛି। ଏ ନେଇ ୮୧୩ଟି କାରଣ ଦର୍ଶାଅ ନୋଟିସ୍ କରାଯାଇଛି । ବାସ୍ତବରେ ଆହୁରି ସହସ୍ରାଧିକ ଏକର ସରକାରୀ ଜମିରେ ଚିଙ୍ଗୁଡି ଘେରି ହୋଇଥିଲେ ସୁଦ୍ଧା ଏଯାଏ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ ଚିଙ୍ଗୁଡି ଘେରି ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ସୁଧୁରୁଥିବା କୁହାଯାଉଥିବା ବେଳେ ମାଫିଆଙ୍କ ଯୋଗୁ ଅପରାଧ ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଧାନ ଓ ଅନ୍ୟ ଚାଷ ପ୍ରଭାବିତ ହେଉଛି।

ଏ ସମ୍ପର୍କରେ ବାଲିକୁଦା ତହସିଲଦାର ଶିଦ୍ଧାର୍ଥ ଶଙ୍କର ଦାସ କହିଛନ୍ତି, ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଜବରଦଖଲ ଉପରେ ପ୍ରଥମେ ସର୍ଭେ ହୋଇଥିଲା। ସର୍ଭେ ରିପୋର୍ଟ ଆସିଲା ପରେ ଅବରୋଧ ମାମଲା ରୁଜୁ କରାଯାଇଥିଲା। ମାଳ ସର୍କଲ ପାଇଁ ୫, ୬, ୭ ଓ ମରିଚିପୁର ସର୍କଲ ପାଇଁ ୧୩, ୧୪ ଓ ୧୫ ତାରିଖରେ ଶୁଣାଣି ହୋଇଥିଲା। ସେମାନଙ୍କୁ ଜରିମାନା ଦାଖଲ ପାଇଁ କୁହାଯିବା ସହ ତୁରନ୍ତ ଉଚ୍ଛେଦ ସମ୍ପର୍କରେ ଅବଗତ କରାଯାଇଥିଲା। ୨ଟି ଆର୍‌ଆଇ ସର୍କଲର ୫୧୧ ଏକର ସରକାରୀ ଜମି ଜବରଦଖଲ ସହ ଚିଙ୍ଗୁଡି ଘେରି କରାଯାଇଛି। ସେଥିମଧ୍ୟରୁ ମାଳର ୩୧୧ ଓ ମରିଚିପୁର ସର୍କଲର ୨୦୦ ଏକର ରହିଛି। ଏହା ଉପରେ ୨୨୮ ମାମଲା ରୁଜୁ ହୋଇଛି। ତେଣୁ ରାଜନଗର ବନଖଣ୍ଡ ପକ୍ଷରୁ ବୁଧବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେଉଛି ବୋଲି ସୂଚନା ଦିଆଯାଇଛି। ବାଲିକୁଦା ପରି ଏରସମା ତହସିଲ ଅଞ୍ଚଳରୁ ମଧ ଜବରଦଖଲ ଉଚ୍ଛେଦ ହେବ। ଏହି ତହସିଲ ଅନ୍ତର୍ଗତ ୯ଟି ଆର୍‌ଆଇ ସର୍କଲରେ ୧୧୯୪.୯୪ ଏକର ସରକାରୀ ଜମି ଜବରଦଖଲରେ ଚିଙ୍ଗୁଡି ଘେରି ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଛି। ଏନେଇ ୪୫୩ ଘେରି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଓ ପରେ ଉଚ୍ଛେଦ ସମ୍ପର୍କରେ ଅବଗତ କରାଯାଇଥିଲା।

### ମା' ମାଟିଆ ମଙ୍ଗଳାଙ୍କ ସୁନାବେଶ



ରାଜନଗର, ୧୭।୮ (ଡି.ଏନ.ଏ.)

ରାଜନଗର ବ୍ଲକ ବାରଗାଁର ମା' ମାଟିଆ ମଙ୍ଗଳାଙ୍କ ପ୍ରଥମ ଥର ମଙ୍ଗଳବାର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଭକ୍ତମାନଙ୍କ ଦାନ ଟଙ୍କାରେ ସୁନାର ମୁକୁଟ, ସ୍ୱର୍ଣ୍ଣ ଚକ୍ଷୁ, ଅର୍ଦ୍ଧ ଚନ୍ଦ୍ର, ତ୍ରିନେତ୍ର, ବେଲପତ୍ର, ସୁନାର ପଦକ ହାରରେ ମା'ଙ୍କୁ ସଜ୍ଜା ଯାଇଛି। ଭୋର ୪ଟାରୁ ମା'ଙ୍କ ମହାସ୍ନାନ କରାଯାଇଥିଲା। ପରେ ଷୋଡଶ ଉପଚାର ପୂଜା କରାଯାଇ ମା'ଙ୍କୁ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ମା'ଙ୍କ ସୁନାବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମିଥିଲା। ବାରଗାଁ ମାଟିଆ ମଙ୍ଗଳା ପୂଜା କମିଟିର ସଭାପତି ଅଭିରାମ ରାଉଳ, ପୂଜକ ହରେକୃଷ୍ଣ ରାଉଳ, କେଶବ ଚନ୍ଦ୍ର ରାଉଳ ପ୍ରମୁଖ ମା'ଙ୍କ ପୂଜାନୀତି ସମ୍ପନ୍ନ କରିଥିଲେ। ମା'ଙ୍କ ନିକଟରେ ସବୁଦିନ ଆମିଷ ଭୋଗ ଲାଗି କରାଯାଏ।

## ବେଳାଭୂମିରେ ମଦ କୁଡ଼ିଆ ଯୋଜନାକୁ ବିରୋଧ

କୁଜଙ୍ଗ,୧୭।୮(ଡି.ଏନ୍.ଏ.)

ପର୍ଯ୍ୟଟନର ବିକାଶ ନାମରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାରାଦୀପ ବେଳାଭୂମିରେ ହେବାକୁ ଥିବା 'ମଦ କୁଡିଆ' ଯୋଜନାକୁ କୁଜଙ୍ଗର ବିଭିନ୍ନ ସଙ୍ଗଠନର ତରଫରୁ ବିରୋଧ କରାଯାଇଛି। ଏ ନେଇ ବରିଷ୍ଠ ନାଗରିକ ସଂଘ କୁଜଙ୍ଗ, ନାଗରିକ ସୁରକ୍ଷା ମଞ୍ଚ, ରାସ୍ତା ସୁରକ୍ଷା ମଞ୍ଚ, ଇଣ୍ଡିଆନ ହ୍ୟୁମ୍ୟାନ ରାଇଟସ୍ ଡିଫେଣ୍ଡର ସଙ୍ଗଠନର ସଦସ୍ୟମାନେ ଏକତ୍ରିତ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପାରାଦୀପ ଏକ ଶିଳ୍ପ ବହୁଳ ସହର ରୂପେ ଜଣାଶୁଣା । ଏଠାକୁ ଦେଶ ବିଦେଶରୁ ପ୍ରତ୍ୟହ ବିଭିନ୍ନ କାର୍ଯ୍ୟରେ ଶତାଧିକ ଲୋକ ଆସନ୍ତି। ପାରାଦୀପ ବେଳଭୂମିର ଅପରୂପ ସୌନ୍ଦର୍ଯ୍ୟ, ସାଂସ୍କୃତିକ, ବୌଦ୍ଧିକ ଓ





ମଦ କୁଡିଆ ଯୋଜନାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ କୁଜଙ୍ଗଠାରେ ବିରୋଧ କରାଯଉଛି।

ଅଧ୍ୟାତ୍ମିକ ପରିବେଶକୁ ଆକୃଷ୍ଟ ହୋଇ ଦେଶ ବିଦେଶ ସମେତ ସ୍ଥାନୀୟ ଲୋକ ଏଠାକୁ ବୁଲିବାକୁ ଆସନ୍ତି। ଏଠାରେ ମଦ କୁଡିଆ ଖୋଲାଗଲେ ସଂସ୍କୃତି ଲୋପ ପାଇବା ସହ ଛାତ୍ରଙ୍କ ଉପରେ କୁପ୍ରଭାବ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବେଳାଭୂମିରୁ ଏହି ଯୋଜନାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି।

ଓଡ଼ିଶାର ବେଳାଭୁମିଗୁଡିକୁ ପର୍ଯ୍ୟଟନସ୍ଥଳ ପରିଣତ କରିବାକୁ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ସେଥିରେ ମଦ କୁଡିଆ ଯୋଜନା ପ୍ରଣୟନ କରି ଟେଣ୍ଡର ଆହ୍ୱାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବାବୁରାମ ଚୌଧୁରୀ, ରମେଶ ଚନ୍ଦ୍ର ଦାସ, ଜୀବନାନନ୍ଦ ଅଧିକାରୀ, ଅନଙ୍ଗ କୁମାର ମହାପାତ୍ର, ନୂତନ ଚନ୍ଦ୍ର ତ୍ରିପାଠୀ, ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଶ୍ରୀନିବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଲୋ ଭୋଲ୍ଟେଜ୍, ବିଦ୍ୟୁତ୍ କଟ୍‌କୁ ବିରୋଧ

## ଅଗଷ୍ଟ ୩୧ରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଧାରଣା

ରଘୁନାଥପୁର, ୧୭।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଣ୍ଡୁଆ ହାଟର ବ୍ୟବସାୟୀ ଗୋଷ୍ଠୀ ଏବଂ ସ୍ଥାନୀୟ ଗ୍ରାମବାସୀ ଲୋଭୋଲ୍ଟେଜ ଓ ବାରମ୍ବାର ବିଦ୍ୟୁତ୍ କଟ୍ ସମସ୍ୟା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଦୀର୍ଘ ଦେଢ଼ବର୍ଷ ହେବ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ବାଧ ହୋଇ ଆସନ୍ତା ଅଗଷ୍ଟ ୩୧ରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସାମାଜିକ କର୍ମୀ ଗୋବିନ୍ଦ ଓଝା କହିଛନ୍ତି। ଜଗତସିଂହପୁର ଟିପିସିଓଡିଏଲ ସେକ୍ସନ ୨ ଏସ୍‌ଡିଙ୍କ ଅଧୀନରେ ଥିବା ରେଣ୍ଡୁଆ ହାଟ ଟ୍ରାନ୍ସଫର୍ମର ୬୩ କେଭି ହୋଇଥିଲାବେଳେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଏହା ଉପରେ ନିର୍ଭରଶୀଳ। ଟ୍ରାନ୍ସଫର୍ମର ଉପରେ ଅଧିକ ଲୋଡ଼ ପଡିବା ଯୋଗୁ ଲୋଭୋଲ୍ଟେଜ ସମସ୍ୟା ସୃଷ୍ଟି ହେବା ସହ ଅଧିକାଂଶ ସମୟରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଛି। ଏ ନେଇ ଗ୍ରାମବାସୀ ଧାରଣା ଦେବାକୁ ସ୍ଥିର କରିଛନ୍ତି ବୋଲି ଗୌରାଙ୍ଗ ଦଳାଇ, ସଞ୍ଜୟ କୁମାର ଓଝା, ଅଭୟ ଚରଣ ପଣ୍ଡା, ରଞ୍ଜନ ପାତ୍ର, ଦିନେଶ ସ୍ୱାଇଁ ଓ ଦୀନବନ୍ଧୁ ରାଉତ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ବାବୁଲି ବେହେରା କୁହନ୍ତି, ସେ ନିଜେ ଯାଇ ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବେ। ଏଥିସହ ଖୁବ୍‌ଶୀଘ୍ର ସେଠାରେ ଏକ ୧୦୦ କେଭି ଟ୍ରାନ୍ସଫର୍ମର ବସାଯିବା ପାଇଁ ବ୍ୟବସ୍ଥା କରାଯିବ।

## ଶ୍ରୀକାନ୍ତଙ୍କ ଅନଶନ ଭାଙ୍ଗିବାରେ ପ୍ରଶାସନ ବିଫଳ



ଚିକିତ୍ସାଳୟରେ ଶ୍ରୀକାନ୍ତଙ୍କ ସହ ଏଡିଏମ୍ ବସନ୍ତ ରାଉତ, ଦୁର୍ଗା ମହାରଣା ଆଲୋଚନା କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୭।୮

ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତାର ସୁରକ୍ଷା ଦାବି କରି ଭିତରକନିକା ଇକୋ ସେନସେଟିଭ ଜୋନ ସଦସ୍ୟ ଶ୍ରୀକାନ୍ତ ନାୟକ ଗତ ୧୦ ତାରିଖରୁ ଅନଶନରେ ଅଛନ୍ତି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଅନଶନ ଭାଙ୍ଗିବାକୁ ଯାଇ ଜିଲା ପ୍ରଶାସନ ମଙ୍ଗଳବାର ବିଫଳ ହୋଇଛି। ଏଡିଏମ୍ ବସନ୍ତ ରାଉତ ଓ ଏଡିଏମ୍ ଦୁର୍ଗା ମହାରଣା ଅନଶନକାରୀ ଶ୍ରୀକାନ୍ତଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଶ୍ରୀକାନ୍ତଙ୍କ କହିଥିଲେ, ଖରସ୍ରୋତା ନଦୀରୁ ପାଣି ଉଠା ଯାଉଥିବା ସ୍ଥାନ ରାଜକନିକା ବ୍ଲକ ବରୁଣାଡିହା ଓ ଜଳ ବିଶୋଧନ କେନ୍ଦ୍ର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ଇକୋ ସେନ୍‌ସେଟିଭ ଜୋନରେ ଅଛି। ଏଥିପାଇଁ ମନିଟରିଂ କମିଟିର ୨୦୨୦ ଡିସେମ୍ବର ୩ ଓ ୧୫ ତାରିଖରେ ବୈଠକ ହୋଇଥିଲା। ଏହି ବୈଠକରେ ପ୍ରକଳ୍ପ ପାଇଁ ଏକ ବିଶେଷଜ୍ଞ ଦଳର ଅନୁଧ୍ୟାନ ପାଇଁ ଦାବି ହୋଇଥିଲା। ଏହି ଦାବିକୁ ଉପେକ୍ଷା କରାଯାଇ ଦୁଇଟି ବୈଠକର ଗୋଟିଏ ରିଜୋଲିଶନରେ ପ୍ରକଳ୍ପ ପାଇଁ ଅନୁମତି ଦିଆଯାଇଥିବା ଜଣାପଡିଛି। ଏହି ରିଜୋଲିଶନରେ ସଦସ୍ୟଙ୍କ ସହମତି ନ ଥିଲେ ମଧ ଖରସ୍ରୋତାରୁ ପାଣି ଉଠାଇବା ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କମିଟିର ଅଧକ୍ଷ ଜିଲାପାଳ ଥିବା ବେଳେ ରିଜୋଲେଶନ ଅନିୟମିତତା ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ସମାସ୍ୟାର ସମାଧାନ ହୋଇନାହିଁ। ରିଜୋଲେଶନକୁ ଖାରଜ କରିବା, ଖରସ୍ରୋତା ନଦୀ ଉପରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପରେ ଭିତରକନିକା ସୁରକ୍ଷିତ ସମ୍ପର୍କରେ ମତ ନେବା ଓ ସେତେ ସମୟ ପାଇଁ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବାକୁ ଦାବି ରଖାଯାଇଛି। ଏ ସମ୍ପର୍କରେ ଏଡିଏମ୍ ରାଉତ କହିଛନ୍ତି, ଏହି ଦାବିଗୁଡିକର ସମାଧାନ ପାଇଁ ମନିଟରିଂ କମିଟିର ବୈଠକ ଆବଶ୍ୟକ। ଏଥିପାଇଁ ଖୁବ୍‌ଶୀଘ୍ର ଏକ ବୈଠକ ଡକାଯିବାକୁ ବ୍ୟବସ୍ଥା କରାଯାଉଛି।

## ମଡେଲ ବିଦ୍ୟାଳୟ, ଇ-ଲାଇବ୍ରେରି, ପୁଷ୍କରିଣୀ ଉଦ୍‌ଘାଟିତ

ରାଜନଗର, ୧୭।୮(ଡି.ଏନ.ଏ.)

ରାଜନଗର ବ୍ଲକରେ ୧୦୦ ବିଦ୍ୟାଳୟକୁ ମଡ଼େଲ ବିଦ୍ୟାଳୟ କରାଯାଉଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ପରିବେଶକୁ ସଫା ସୁତୁରା ସହ ଶ୍ରେଣୀ ଗୃହ କାନ୍ଥରେ ବିଭିନ୍ନ ଶିକ୍ଷଣୀୟ ଚିତ୍ର, ପିଲାଙ୍କ ବସିବାକୁ ବେଞ୍ଚ ଡେସ୍କର ବ୍ୟବସ୍ଥା ହେଉଛି। ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବାକୁ ଉନ୍ନତମାନର ସ୍ମାର୍ଟ କ୍ଲାସରୁମ ପ୍ରସ୍ତୁତ କରାଯାଉଛି। ହାଇସ୍କୁଲଗୁଡିକରେ ସ୍ମାର୍ଟ କ୍ଲାସରୁମ ସହ ଇ-ଲାଇବ୍ରେରୀ ନିର୍ମାଣ ହେଉଛି। ପ୍ରତି ପଞ୍ଚାୟତରେ ପୋଖରୀଗୁଡିକୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ରବିବାର ବ୍ଲକର ବଡପଲ୍ଲୀ ହାଇସ୍କୁଲ, ବଡପଲ୍ଲୀ ପ୍ରାଥମିକ ବିଦ୍ୟାଳୟ, ମହାକାଳୀ ହାଇସ୍କୁଲ ବେଲପାଳ, ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ ରାଜନଗର, ନିମ୍ନ ମୌଳିକ ବିଦ୍ୟାଳୟ ବଳଭଦ୍ରପ୍ରସାଦ ପ୍ରଭୃତି ସରକାରୀ ବିଦ୍ୟାଳୟକୁ ମଡେଲ ବିଦ୍ୟାଳୟ ଓ ସ୍ମାର୍ଟ କ୍ଲାସରୁମ, ଇ- ଲାଇବ୍ରେରୀ ଓ ପୁଷ୍କରିଣୀଗୁଡିକୁ ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ରାଜନଗର ବ୍ଲକରେ ପର୍ଯ୍ୟାୟ କ୍ରମେ ସମସ୍ତ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ କରାଯିବ ବୋଲି ବିଧାୟକ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## 'ଆମେ ଏବେ ଆମର ଶତ୍ରୁ'

### ବିଜେଡିର ଜୋନସ୍ତରୀୟ କର୍ମଶାଳା

ପାରାଦୀପ,୧୭।୮(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ମଙ୍ଗଳବାର ବିଜେଡି ବ୍ଲକ ସଭାପତି ଓ ଜିଲା ପରିଷଦ ଜୋନସ୍ତରୀୟ ସଂଯୋଜକ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୨୬ ଜୋନରେ ଥିବା ୮ ବ୍ଲକ ସଭାପତି, ୨ ପୌର ପରିଷଦ ସଭାପତି, ସଂଯୋଜକଙ୍କ ସମେତ ଜିଲା ସଭାପତି ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ୨୫ ବର୍ଷ ଶାସନରେ ଆମର ଅନେକ ଗୁରୁଦାୟିତ୍ୱ ବଢିଯାଇଛି। ଉପକୂଳରେ ଆମ ଦଳର ଆଭ୍ୟନ୍ତରୀଣ ଶତ୍ରୁ ଅନେକ ହୋଇଗଲେଣି। ଅର୍ଥାତ ଆମେ ଏବେ ଆମର ଶତ୍ରୁ ଭାବେ ଲଢୁଛୁ। ୨୦୨୨ ଫେବୃୟାରୀରେ ପଞ୍ଚାୟତ ନିର୍ବାଚନ ହୋଇପାରେ। ସେ ସମୟ ପୂର୍ବରୁ ଆମେ ଏକ ହୋଇ ନିର୍ବାଚନକୁ ଯିବା, ସେଥିପ୍ରତି ଯତ୍ନବାନ ହେବାକୁ ପଡିବ। ବିଶେଷ କରି ତିର୍ତ୍ତୋଲ ନିର୍ବଚନ ମଣ୍ଡଳୀରେ ଅନ୍ତର୍ଦ୍ୱନ୍ଦ୍ୱକୁ କିପରି ସମାଧାନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପାରାଦୀପ ବିଜେଡି ରାଜନୀତିରେ ସମାନ୍ତରାଳ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆମ ପାଖରେ ସବୁ ଖବର ଅଛି। ସେସବୁ ଖୁବ୍‌ଶୀଘ୍ର ଦୂର କରାଯିବ। ଠିକଣା ସମୟରେ ଦଳ କାମ କରିବା ସହ ଜିଲାର ୨୬ଟି ଜୋନରେ ବିଜୟ ହେବ ବୋଲି ଦାଶ ଆଶାବ୍ୟକ୍ତ କରିଛନ୍ତି। ଏଥିରେ ମନ୍ତ୍ରୀ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଅନୁପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ନେତାମାନେ।

## ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେବା ଯାଏ ଆନ୍ଦୋଳନ

### ମିଳିତ ବିରୋଧୀ ଦଳର ଗଣ ବିକ୍ଷୋଭ

କେନ୍ଦ୍ରାପଡା ଅଫିସ, ୧୭।୮

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୧୦ ତାରିଖରେ ଜିଲା ପ୍ରଶାସନ ଓ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଏହାସତ୍ତ୍ୱେ ବରୁଣାଡିହାଠାରେ ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପୋଲିସ ବଳ ଲଗାଇ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଛି। ଏହାକୁ ବିରୋଧ କରି କେନ୍ଦ୍ରାପଡ଼ା ଜିଲାର ବିରୋଧୀ ଦଳର ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ମଙ୍ଗଳବାର କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେବା ପର୍ଯ୍ୟନ୍ତ ବିରୋଧୀ ଦଳ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚାଲୁ ରହିବ ବୋଲି ଯୋଗ ଦେଇଥିବା ନେତାମାନେ ମତବ୍ୟକ୍ତ କରିଛନ୍ତି। ବିକ୍ଷୋଭ ସ୍ଥଳରେ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭରେ ଯୋଗ ଦେଇଥିବା ଲୋକମାନେ ।

କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ସଭାରେ କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ, ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ଆବାହକ ଦେବେନ୍ଦ୍ର ଶର୍ମା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଏଆଇସିସି ସଭ୍ୟ ହଳଧର ସେଠୀ, ସିପିଆଇ (ଏମ) ଜିଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଏ ସମ୍ପର୍କରେ ନିଜର ମତ ରଖିଥିଲେ। ସେମାନେ କହିଥିଲେ, ଖରସ୍ରୋତା ନଦୀ ବ୍ରାହ୍ମଣୀର ଏକ ଶାଖା ନଦୀ। ଶାଖା ନଦୀରୁ କେନ୍ଦ୍ରାପଡ଼ା ଜିଲାର ପାନୀୟ ଜଳ, କୃଷି ଓ ଭିତରକନିକାର ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ନ ଯାଇ ଭଦ୍ରକ ଜିଲାକୁ ପାଣି ଉତ୍ତୋଳନ କରିବାକୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ୨ବର୍ଷ ଧରି ଶାନ୍ତିପୂର୍ଣ୍ଣ ଭାବେ ସଂଗ୍ରାମ ସମିତି ପକ୍ଷରୁ ବିରୋଧ କରାଯାଉଛି। ତେବେ ଗତ ୧୦ ତାରିଖରେ ପୋଲିସ ଆନ୍ଦୋଳନକାରୀଙ୍କୁ ପିଟିବା ପରେ ଘଟଣାର ମୋଡ ବଦଳିଛି। ଏହି ବିକ୍ଷୋଭରେ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବାଂଲାଦେଶୀ ଯୁବତୀ ଉଦ୍ଧାର ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧୭।୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ଜାରକା ଅଞ୍ଚଳରୁ ବାଂଲାଦେଶୀ ଯୁବତୀ ଉଦ୍ଧାର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଅଜୟ ଦାସ। ସୂଚନା ମୁତାବକ, ଜାରକା ଅଞ୍ଚଳରେ ରହୁଥିବା ସମ୍ପୃକ୍ତ ଯୁବତୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଜୁନ ୧୯ରେ ପୋଲିସ ତାଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଅଞ୍ଚଳର ସୁରଜ ଦାସ ନାମକ ଯୁବକଙ୍କୁ ଗିରଫ କରିଥିଲା। ତେବେ ଉଦ୍ଧାର ପରେ ଯୁବତୀ ନିଜକୁ ବାଂଲାଦେଶୀ ବୋଲି କହିବା ସହ ୩ବର୍ଷ ତଳେ ତାଙ୍କୁ ତା'ଙ୍କ ମାମୁ ଆଣି କୋଲକାତାରେ ରହୁଥିବା ସୁରଜଙ୍କ ବାପା ଅଜୟ ଦାସଙ୍କୁ ବିକ୍ରି କରିଦେଇଥିଲେ ବୋଲି ପୋଲିସ ଆଗରେ କହିଥିଲେ। ପୋଲିସ ନଂ.୩୨୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ସୁରଜଙ୍କୁ କୋର୍ଟଚାଲାଣ କରିଥିଲା। ଯୁବତୀଙ୍କୁ ଯାଜପୁରସ୍ଥିତ ସଖୀ କେନ୍ଦ୍ରରେ ଛାଡ଼ିଥିଲା।

ଯୁବତୀ କୋଲକାତାରେ ଅଜୟଙ୍କ ପାଖରେ ରହୁଥିବା ବେଳେ ସୁରଜଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସୁରଜ ଓ ଯୁବତୀ ବାଙ୍ଗାଲୋର ପଳାଇଥିଲେ। ବର୍ଷ ପରେ ଉଭୟ ଫେରି ଆସି ଜାରକା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ତେବେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ଯୁବତୀ ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହିତ ସୁରଜଙ୍କୁ ଗିରଫ କରିଥିଲା। ସୁରଜଙ୍କ ବାପା ଅଜୟ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନ ଥିଲା। ଅଜୟଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ନେତାଜୀ ଶ୍ରମିକ ସଂଗଠନ ପକ୍ଷରୁ ହେଲ୍ପଡେସ୍କ ଖୋଲିଲା

**ରସୁଲପୁର,୧୭।୮(ଡି.ଏନ.ଏ.):** ଯାଜପୁର ଜିଲା ନେତାଜୀ ଶ୍ରମିକ ସଂଘର ରସୁଲପୁର ବ୍ଲକ ବାରବାଟୀ ବଜାରସ୍ଥିତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ପାଇଁ ଏକ ହେଲ୍ପଡେସ୍କ ଖୋଲାଯାଇଛି। ଏଥିସହିତ ଗରିବ ଓ ମୁରବିଶୂନ୍ୟ ନିର୍ମାଣ ଶ୍ରମିକ ପରିବାରକୁ ସଂଘ ପକ୍ଷରୁ ମାଗଣା ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାରେ ବହୁ ଯୋଗ୍ୟ ଶ୍ରମିକ ନାମ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ସବୁ ପରିବାର ସଦସ୍ୟଙ୍କ ନାମ ପଞ୍ଜୀକରଣ କରିବା, ବାର୍ଷିକ ଦେୟ ପୈଠ କରି ରିନୁଆଲ କରିବା ସହ ସରକାରୀ ସୁବିଧା ସୁଯୋଗ ପ୍ରଦାନ ଆଦି କାର୍ଯ୍ୟରେ ସଂଘ ସହଯୋଗ କରିଆସୁଛି। ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ପ୍ରତିଷ୍ଠାତା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟ,ଓଡ଼ିଶାର ସମ୍ପାଦକ ପ୍ରଦୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘ ବରିଷ୍ଠ ସଦସ୍ୟ ଅକ୍ଷୟ ପ୍ରଧାନ, ଗୋପାଳ ଚନ୍ଦ୍ର ମହାରଣା, ହୃଷୀକେଶ ସ୍ୱାଇଁ, ଗଣେଶ ପରିଡ଼ା, ରତ୍ନାକର ବେହେରା, ଉତ୍ତମ ବେହେରା, ବିଭୂତି ଭୂଷଣ ଦାସ, ଅମର କର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ପରିବହନ ବନ୍ଦ ଡାକରାକୁ ନେଇ ଭିନ୍ନ ମତ

**କାଳିଆପାଣି,୧୭।୮(ଡି.ଏନ.ଏ.):** କ୍ରୋମ ପରିବହନ କରୁଥିବା ସଂସ୍ଥା କାର୍ଯ୍ୟଶୈଳୀରେ ଅତିଷ୍ଠ ହୋଇ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ୧୮ ତାରିଖଠାରୁ ପରିବହନ ବନ୍ଦ ଡାକରା ଦିଆଯାଇଥିବା ବେଳେ କେତେଜଣ ଟ୍ରକ୍ ମାଲିକ ସଂଘ ସରକାରୀ ଭଡ଼ା ପ୍ରଦାନ ଦାବି କରି ପରିବହନକୁ ସହଯୋଗ କରୁଥିବା ଜଣାପଡ଼ିଛି। ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ବୁଧବାରଠାରୁ ମିନେରାଲ ମାଲିକ ସଂଘ ପରିବହନ ସଂସ୍ଥାକୁ ଟ୍ରକ୍ ପରିବହନ ପାଇଁ ନ ଦେବାକୁ ନିଷ୍ପତ୍ତି ନେଇଛି। ଏନେଇ କାଳିଆପାଣିଠାରେ ବୈଠକ ହୋଇଥିଲା। ମିନେରାଲ ଟ୍ରକ ମାଲିକ ସଂଘ ସଭାପତି ବିଦ୍ୟାଧର ପାତ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ବହୁ ମାଲିକ ଉପସ୍ଥିତ ରହି ବନ୍ଦ ସଫଳ କରିବାକୁ ସହମତି ପ୍ରକାଶ କରିଥିଲେ। ହେଲେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ପରିବହନକୁ ସମର୍ଥନ କରି ଟ୍ରକ୍ ପଠାଇଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଟିଏସ୍ଏମ୍ଏଲ୍(ଟାଟାଷ୍ଟିଲ ମାଇନିଂ ଲିମିଟେଡ୍)ଖଣିରେ ପରିବହନ କରିବାକୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ କେତେଜଣ ମାଲିକ ବନ୍ଦ କରିବାକୁ ପ୍ରୟାସ କରୁଥିବା ବେଳେ ଅନ୍ୟ କେତେଜଣ ଟ୍ରକ ପଠାଇ ପଣ୍ୟ ଭର୍ତ୍ତି କରିଥିଲେ। କାଳିଆପାଣି ଥାନା ଅଧିକାରୀ ରାମାକାନ୍ତ ମୁଦୁଲି ପହଞ୍ଚି ଟ୍ରକ୍‌ଗୁଡ଼ିକୁ ଖଣିକୁ ପରିବହନ ପାଇଁ ଗେଟରେ ଭର୍ତ୍ତି କରିଥିଲେ, ଯାହାକୁ ନେଇ ନାନା ଆଲୋଚନା ଚାଲିଛି।

# ଶିଳ୍ପ ପାଇଁ ବ୍ରାହ୍ମଣୀ, ଜଳସେଚନକୁ ନୁହେଁ

- ୬୮.୨୬ କୋଟି ଜଳକର ବାକି
- ରିପୋର୍ଟ ମାଗିଲା ଜଳ ସମ୍ପଦ ବିଭାଗ

**ଯାଜପୁର ଅଫିସ,୧୭।୮**

ଯାଜପୁର ଜିଲାର ୧୫ଟି ଖଣି ଓ ଶିଳ୍ପ କମ୍ପାନୀ ସମେତ ୨୪ଟି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପାଖରେ ୧।୪।୨୦୨୧ ସୁଦ୍ଧା ୬୮ କୋଟି ୨୬ ଲକ୍ଷ ୬୨ ହଜାର ଟଙ୍କା ଜଳକର ବାକି ପଡ଼ିଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ଏହି ତଥ୍ୟ ମିଳିଛି। ଏନେଇ ସୂଚନା ଅଧିକାର କର୍ମୀ ଜଗତ ରଞ୍ଜନ ବେହେରା ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ୨୯।୬।୨୦୨୧ରେ ଅଭିଯୋଗ କରିବା ପରେ ଚିଫ୍ ଇଞ୍ଜିନିୟରଙ୍କୁ ବିଭାଗୀୟ ଅତିରିକ୍ତ ସଚିବ ଏସ୍.କେ. ପଣ୍ଡା ୧୧।୮।୨୦୨୧ରେ ଜବାବତଲବ କରିଛନ୍ତି।

ରାଜ୍ୟରେ ଉତ୍ପାଦିତ ହେଉଥିବା ମୋଟ ପନିପରିବା ମଧ୍ୟରୁ କେବଳ ଯାଜପୁର ଜିଲାର ବ୍ରାହ୍ମଣୀ ନଦୀକୂଳରେ ୬୦ ଭାଗ ଚାଷ ହୋଇଥାଏ। ମରୁଡ଼ି ହେଲେ ଧାନ ସହ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଏବଂ ରବି ଋତୁରେ ୩୮,୦୫୪ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ବାସ୍ତବ ଚିତ୍ର ଭିନ୍ନ ରହିଛି। ବ୍ରିଟିଶ ଅମଳର ଜୋକଡ଼ିଆ ଓ ଶିଆଳିଆ ଆନିକଟରୁ ବାହାରିଥିବା ଦୁଧେଇ ଓ ଜୋକଡିଆ ହାଇ ଲେଭଲ କେନାଲ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇପଡ଼ିଛି। ବରଂ ମହାନଦୀରୁ ବାହାରିଥିବା ୧୬୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଜଗତ୍‌ପୁର-ଜେନାପୁର ହାଇଲେଭଲ କେନାଲରୁ ମୋଟ ୮୩୮୪.୧୧ ହେକ୍ଟର ଜମିରେ ପାଣି ମାଡୁଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଉଛି। ଏଥିରେ କେବଳ ବଡ଼ଚଣା ଓ ଧର୍ମଶାଳା ବ୍ଲକର ଚାଷୀ ଉପକୃତ ହୋଇପାରୁଛନ୍ତି। ନିକଟରେ ରେଙ୍ଗାଲି ଡ୍ୟାମ ବାମପାର୍ଶ୍ୱ କେନାଲରୁ ସୁକିନ୍ଦା ବ୍ଲକର କିଛି ଅଞ୍ଚଳରେ ଜଳସେଚନ ଆରମ୍ଭ ହୋଇପାରିଛି। କିନ୍ତୁ ବିଡମ୍ବନା ଯେ, ପ୍ରାୟ ୧୦ ବର୍ଷ ହେଲା ବ୍ରାହ୍ମଣୀ ନଦୀରୁ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଜିଲାରେ ଗତ ଜୁଲାଇରେ ୬୦%ଏବଂ ଅଗଷ୍ଟ ୧୬ ସୁଦ୍ଧା ପ୍ରାୟ ୮୦% ଆବଶ୍ୟକଠାରୁ କମ୍ ବର୍ଷା ହୋଇଛି। ଫଳରେ ଚଳିତବର୍ଷ ଏକପ୍ରକାର ମରୁଡ଼ି ସୃଷ୍ଟି ହୋଇଛି। ଏନେଇ ଚାଷୀ ଚିନ୍ତାରେ ରହିଥିବାବେଳେ ବ୍ରାହ୍ମଣୀରୁ ଶିଳ୍ପସଂସ୍ଥାଗୁଡ଼ିକୁ ଜଳଯୋଗାଣ କମି ନାହିଁ। ବରଂ ବିପୁଳ ପରିମାଣର ଜଳକର ଛାଡ଼ କରାଯିବାକୁ ମସୁଧା ଚାଲିଥିବା କୁହାଯାଉଛି।

ଏହି କ୍ରମରେ ଜାରକା ଜଳସେଚନ ଡିଭିଜନ ଅଧୀନରେ ନୀଳାଚଳ ଇସ୍ପାତ ନିଗମ ଲିଃ ପାଖରେ ୨୧.୭୨ କୋଟି, ଇଡ୍‌କୋ କଳିଙ୍ଗନଗର ପାଖରେ ୩୨ କୋଟି, ମିଶ୍ରିଲାଲ ମାଇନ୍ସ ପାଖରେ ୨.୩୮ କୋଟି, ଫେକର ଓସ୍ତପାଳ କ୍ରୋମାଇଟ ମାଇନ୍ସ(ବେଦାନ୍ତ) ପାଖରେ ୧.୧୭ କୋଟି, ବାଲେଶ୍ୱର ଆଲଏଜ ଲିଃ କାଳିଆପାଣି କ୍ରୋମାଇଟ ମାଇନ୍ସ ପାଖରେ ୨.୬୦ କୋଟି, ଇଡକଲ ତୈଳଙ୍ଗୀ କ୍ରୋମାଇଟ ମାଇନ୍ସ ପାଖରେ ୯୭ ଲକ୍ଷ, ଇଷ୍ଟର୍ନ ଫୁଡ୍ସ ପ୍ରାଇଭେଟ ଲିଃ ପାଖରେ ୧.୬୧ କୋଟି, ଜିନ୍ଦଲ କାଳିଆପାଣି କ୍ରୋମାଇଟ ମାଇନ୍ସ ପାଖରେ ୯୩ ଲକ୍ଷ, ଚଣ୍ଡିଖୋଲ ମିଡ୍‌ଇଷ୍ଟ ହୋଟେଲ ପାଖରେ ୮୪ ଲକ୍ଷ ଟଙ୍କା ଇତ୍ୟାଦି ବାକି ପଡିଛି। ବ୍ରାହ୍ମଣୀରୁ ଜଳ ନେଇ ଖଣି ଓ ଶିଳ୍ପ କମ୍ପାନୀ ମାଲିକମାନେ କୋଟି କୋଟି ଟଙ୍କା ଲାଭ କରୁଛନ୍ତି। ଏପରିକି ବର୍ଜ୍ୟଜଳ ଭାବେ ପ୍ରଦୂଷଣର ବିଷ ଛାଡୁଛନ୍ତି। ତେଣୁ ସୂଚନା ଅଧିକାର କର୍ମୀ ବେହେରା ଜଳକର ଦେଉ ନ ଥିବା ସମ୍ପୃକ୍ତ କମ୍ପାନୀ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଛନ୍ତି।


ବ୍ରାହ୍ମଣୀ ନଦୀ।

## ସରପଞ୍ଚ, ବ୍ୟାଙ୍କ ମ୍ୟାନେଜର ମୁହାଁମୁହିଁ

**ବରୀ,୧୭।୮(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କମ୍ପଗଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖା ପରିଚାଳକ ଓ ଅମଠପୁର ସରପଞ୍ଚଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଉଭୟଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ସରପଞ୍ଚ ଓ ତାଙ୍କ ସ୍ୱାମୀ ଏକ ମୂର୍ତ୍ତି ନିର୍ମାଣ ସ୍ଥାନରେ ଛିଡ଼ା ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟାଙ୍କ ଶାଖା ପରିଚାଳକ ପହଞ୍ଚି ସେମାନଙ୍କୁ ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ସରପଞ୍ଚଙ୍କ ଜଣେ ସହଯୋଗୀଙ୍କୁ ଶାଖା ପରିଚାଳକ ମାଡ଼ ମାରିଥିବା ନେଇ ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ବ୍ୟାଙ୍କ ଶାଖା ପରିଚାଳକ ମଧ୍ୟ ସରପଞ୍ଚ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ସ୍ୱାମୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି।

## ଶାଶୁଙ୍କ ନିର୍ଯାତନା ସହି ନ ପାରି ଜ୍ୱାଇଁଙ୍କ ଆତ୍ମହତ୍ୟା

- ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ
- ଥାନାରେ ଅଭିଯୋଗ କଲେ ଯୁବକଙ୍କ ମା'

**ଚଣ୍ଡିଖୋଲ,୧୭।୮(ଡି.ଏନ.ଏ.)**

ବଡ଼ଚଣା ଥାନା ଅଧୀନ ଶକୁନ୍ତଳାପୁର ଗ୍ରାମରେ ଜଣେ ଯୁବକ ଶାଶୁଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ଏନେଇ ଯୁବକଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଯୁବକଙ୍କ ମା' କୁରୁରୀ ରଣାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ସୁବର୍ଣ୍ଣେଶ୍ୱର ରଣା ଓରଫ୍ ସୁବର୍ଣ୍ଣ ୨୦୧୯ରେ ପଡ଼ୋଶୀ ନୂଆଗାଁରେ ଥିବା ତାଙ୍କ ଭଉଣୀ ଘରକୁ ଯାଇଥିଲେ। ସେହି ସମୟରେ ଭଉଣୀ ଘର ପଡ଼ୋଶୀ ଚିତ୍ତରଞ୍ଜନ ରାଉତଙ୍କ ଝିଅ ପୂଜାଙ୍କ ଶରୀର ଅସୁସ୍ଥ ହେବାରୁ ସୁବର୍ଣ୍ଣଙ୍କୁ ମେଡିକାଲ ନେବାକୁ କହିଥିଲେ। ସୁବର୍ଣ୍ଣ ଛତିଆର ଏକ ଘରୋଇ ଚିକିତ୍ସାଳୟରେ ପୂଜାଙ୍କୁ ଚିକିତ୍ସା କରିବା ପରେ ଭଉଣୀ ଘରେ ଛାଡ଼ି ପଳାଇ ଆସିଥିଲେ। ଏହା ପରଦିନ ବୈରୀ ପୋଲିସ ପୂଜାଙ୍କ ମା' ମିତାଲି ରାଉତଙ୍କ ଅଭିଯୋଗ କ୍ରମେ ସୁବର୍ଣ୍ଣଙ୍କୁ ଉଠାଇ ନେଇଥିଲା। ପୂଜାଙ୍କୁ ନିର୍ଯାତନା ଅଭିଯୋଗରେ ପୋଲିସ ମାମଲା ନଂ. ୧୮୧/୧୯ରେ ସୁବର୍ଣ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଯାଜପୁର ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଏକ ବର୍ଷ ରହିବା ପରେ ମିତାଲି ଜେଲରେ ସୁବର୍ଣ୍ଣଙ୍କୁ ଭେଟି ଝିଅକୁ ବିବାହ କଲେ ମାମଲା ଉଠାଇନେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁବର୍ଣ୍ଣ ରାଜି ହେବାପରେ କୋର୍ଟରୁ ଜାମିନ ପାଇଥିଲେ। ଜାମିନରେ ଆସିବା ପରେ ସେ ପୂଜାଙ୍କୁ ଗତ ଜାନୁୟାରୀରେ ବିବାହ କରିଥିଲେ। କିନ୍ତୁ ଶାଶୁ କେସ୍ ଉଠାଇ ନ ଥିଲେ। ବାରମ୍ବାର ସୁବର୍ଣ୍ଣଙ୍କୁ ଧମକଚମକ ଦେଇ ଡରାଇ ରଖିଥିଲେ। ସଦାସର୍ବଦା ମାନସିକ ନିର୍ଯାତନାର ଶିକାର ହେଉଥିବା ସୁବର୍ଣ୍ଣ ଗତ ୯ତାରିଖରେ ଏକ ଭିଡିଓ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ଶାଶୁଙ୍କ ମାନସିକ ନିର୍ଯାତନା ଯୋଗୁ ସେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏହା ପରଦିନ ଅର୍ଥାତ୍ ୧୦ ତାରିଖରେ ବିଷପିଇ ବଡ଼ଘୁମୁରୀ ପଞ୍ଚାୟତ ଜାହ୍ନଗିରି ପାହାଡ଼ ନିକଟରେ ପଡ଼ିଥିଲେ। ଏହି ଖବର ପାଇ ତାଙ୍କ ଶାଶୁ ତାଙ୍କୁ କଟକ ବଡ଼ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହେବା ପରେ ମଧ୍ୟ ତାଙ୍କର ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇନାହିଁ। ଏପରି କି ସୁବର୍ଣ୍ଣଙ୍କ ପରିବାରକୁ ମିତାଲି ଧମକଚମକ ଦେଉଥିବା ନେଇ ସୁବର୍ଣ୍ଣଙ୍କ ମା' ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏସମ୍ପର୍କରେ ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି, ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ।


ସୁବର୍ଣ୍ଣେଶ୍ୱର ରଣାଙ୍କ ଫାଇଲ୍ ଫଟୋ।

## ଅଳଙ୍କାର ଦୋକାନରୁ ଚୋରି ଅଭିଯୋଗ

**ରସୁଲପୁର,୧୭।୮(ଡି.ଏନ.ଏ.)**

କୁଆଖିଆ ଥାନା ହରିପୁର ବଜାରସ୍ଥିତ ପୃଷ୍ଟି ଅଳଙ୍କାର ଦୋକାନରୁ ଡକାୟତି ହୋଇଛି। ଡକାୟତ ୧୧ଟି ସୁନା ଲକେଟ, ୨ହଳ ସୁନା ପାଉଁଜି ଓ ୨୭୫୦ ଟଙ୍କା ନେଇ ପଳାଇଛନ୍ତି। ତେବେ ଦୋକାନ ମାଲିକ ଓ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚି ଯିବାରୁ ଦୁର୍ବୃତ୍ତ ଅଧିକ କିଛି ନେଇ ପାରିନାହାନ୍ତି। ପୋଲିସ ସେଠାରୁ ୪ଟି ବଡ଼ ଗ୍ୟାସ ସିଲିଣ୍ଡର, ୨ଟି ୫ଲିଟରେ ବାଲା ସିଲିଣ୍ଡର, ୨ଟି ଗ୍ୟାସ କଟର, ଗୋଟିଏ ଓୟାର କଟର, ୨ଟି ପେଚକସ୍ ଓ ୨ଟି ଗ୍ୟାସ ପାଇପ୍ ଜବତ କରି ତଦନ୍ତ ଚଳାଇଛି। ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଉକ୍ତ ଡକାୟତିରେ ସମ୍ପୃକ୍ତ ୨/୩ଜଣଙ୍କୁ ପୋଲିସ କାବୁ କରିଛି। ମାତ୍ର ତଦନ୍ତରେ ବାଧା ଉପୁଜିବା ଆଳରେ ପୋଲିସ ଏକଥାକୁ ଅସ୍ୱୀକାର କରିଛି। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି। ଦୋକାନ ମାଲିକ ଦୀପକ ପୃଷ୍ଟି କୁଆଖିଆ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ରାତିରେ ଡକାୟତି ଦଳ ଗ୍ୟାସ୍ କଟର ସହାୟତାରେ ଦୋକାନ ପଛପଟ ଝରକା ଗ୍ରିଲ ତାଡି ଭିତରକୁ ପଶିଥିଲେ। ଦୋକାନ ଉପରେ ଜଣେ କର୍ମଚାରୀ ଶୋଇଥିଲେ। ତଳେ ଧଡ଼ଧଡ଼ ଶବ୍ଦ ଶୁଣି ସେ ତାଙ୍କୁ ଖବର ଦେଇଥିଲେ। ତେଣୁ ଦୀପକ ପୋଲିସକୁ ଜଣାଇଥିଲେ। ରାତି ପ୍ରାୟ ସାଢେ ୪ଟାରେ ପୋଲିସ ଓ ଦୀପକ ଦୋକାନ ନିକଟରେ ପହଞ୍ଚିଥିଲେ। ଦୋକାନ ପଛପଟକୁ ଯିବା ବେଳକୁ ଡକାୟତମାନେ ଦୌଡ଼ାଦୌଡ଼ି ହୋଇ ପଳାଇଥିଲେ। ଏନେଇ ଥାନାରେ ମାମଲା ନଂ.୨୭୩/୨୧ ରୁଜୁ ହୋଇଛି। ଏହି ଘଟଣା ପରେ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।



## ଡ୍ରେନେଜ ନିର୍ମାଣ ନିମ୍ନମାନର



**ରଗଡି,୧୭।୮(ଡି.ଏନ.ଏ.)**

ଯାଜପୁର ଜିଲା କୋରେଇ ବ୍ଲକ କନ୍ତୋର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହି ପଞ୍ଚାୟତର ପୂର୍ବକୋଟ ଗ୍ରାମ ତେଲେଙ୍ଗା ସାହି ନିକଟରୁ ମେଳଣ ପଡ଼ିଆ ପର୍ଯ୍ୟନ୍ତ ଡ୍ରେନେଜ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। କାମ ଆରମ୍ଭରୁ ଠିକାଦାର ନିଜର ମନମୁଖୀ କାର୍ଯ୍ୟ ଚଳାଇଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଏକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲାଗି ନାହିଁ। ଫଳରେ ଠିକାଦାର ନିଜର ମନ ମୁତାବକ କାମ ଚଳାଇଥିବା ଅଭିଯୋଗ ହୋଇଛି। ସେହିପରି ଏହି କାମରେ ବ୍ୟବହାର ହେଉଥିବା ରଡ଼ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଆବଶ୍ୟକତା ଅନୁସାରେ ବ୍ୟବହାର ହେଉନାହିଁ। ଡ୍ରେନେଜର କାନ୍ଥ ମୋଟେଇ ଅଟକଳ ଅନୁସାରେ ନିର୍ମାଣ କରାଯାଉ ନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତର ଫାଇଦା ନେଇ ଠିକାଦାର ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିବାକୁ ବସିଥିବା ପୂର୍ବକୋଟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତ ପିଇଓ ଶ୍ରୀବାସ କୁମାର ରାଉତଙ୍କୁ ପଚାରିବାରୁ କାମ ସମ୍ପୂର୍ଣ୍ଣ ଠିକ୍ ଚାଲିଛି, ଖୁବଶୀଘ୍ର ସୂଚନା ଫଳକ ତିଆରି କରାଯିବ ବୋଲି କହିଛନ୍ତି।

## ଦ୍ୱିତୀୟ ଦିନରେ ଅନଶନ, ସମର୍ଥନ ବଢ଼ୁଛି

**ସିଂହପୁର,୧୭।୮(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ସିଂହପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମହାଦୁର୍ନୀତି ପ୍ରତିବାଦରେ ଆରମ୍ଭ ହୋଇଥିବା ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସୋମବାର ବିଡିଓ ମୀନତି ଜଗଦେବ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଆଲୋଚନା ବିଫଳ ହେବାପରେ ମଙ୍ଗଳବାର କୌଣସି ପ୍ରଶାସନିକ ଅଧିକାରୀ ଆସିନାହାନ୍ତି। ଭାଜପା ନେତ୍ରୀ ବବିତା ମଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମୀ ପହଞ୍ଚି ଅନଶନକୁ ସମର୍ଥନ ଜଣାଇଛନ୍ତି। ଅନଶନର ନେତୃତ୍ୱ ନେଇଥିବା ପୂର୍ବତନ ସରପଞ୍ଚ ନିରଞ୍ଜନ ବେଉରିଆଙ୍କ ଅଭିଯୋଗ ଅନୁଯାୟୀ, ବହୁ ପ୍ରକଳ୍ପଗୁଡ଼ିକର ଆଦୌ କାର୍ଯ୍ୟ ନ ହୋଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ତେଣୁ ଏସବୁ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ପର୍ଯ୍ୟନ୍ତ ଅନଶନ ଚାଲୁରହିବ ବୋଲି ଅନଶନକାରୀ ଚେତାବନୀ ଦେଇଛନ୍ତି।

## ବୁଣାକାରଙ୍କ ୫ଟି ଦାବିପୂରଣ ପାଇଁ ପ୍ରତିଶ୍ରୁତି

**ରସୁଲପୁର,୧୭।୮(ଡି.ଏନ.ଏ.)**

ଯାଜପୁର ଜିଲାର ଅଗ୍ରଣୀ ବୁଣାକାର ଗାଁ ରସୁଲପୁର ବ୍ଲକ ଅଧୀନ ଗୋପାଳପୁରରୁ ସୋମବାର ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବୁଣାକାର ୧୧ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ପଦଯାତ୍ରାରେ ଯାଇଥିଲେ। ସେଥିରୁ ସରକାର ୫ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ସୋମବାର ରାତିରେ ହୋଇଥିବା ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବୁଣାକାର ନେତା ତଥା ଓଡ଼ିଶା ଶିଳ୍ପୀ ମହାସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଦାବି ପୂରଣ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି। ଆଲୋଚନାରେ ସ୍ଥାନ ପାଇଥିବା ପ୍ରମୁଖ ଦାବିଗୁଡ଼ିକ ହେଲା ଅଗଷ୍ଟ, ୨୦୨୦ ବନ୍ୟା କ୍ଷୟକ୍ଷତିରୁ ବଞ୍ଚିତ ପରିବାରକୁ ୭ଦିନରେ ସହାୟତା ପ୍ରଦାନ, ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ତନ୍ତଶାଳା ଆଇନକୁ ସରଳୀକରଣ, ବୁଣାକାରଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟକରୁଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦକୁ ୨ମାସ ମଧ୍ୟରେ କ୍ରିୟାଶୀଳ କରାଯିବ। ଏହି ପରିଷଦ ଅଧୀନରେ ଥିବା ୨୦ କୋଟି ଟଙ୍କାକୁ ବୁଣାକାରଙ୍କୁ କଳାକାର ଭତ୍ତା ପ୍ରଦାନ ଦିଗରେ ଖର୍ଚ୍ଚ କରାଯିବ। ପରିଷଦ ଏ ଦିଗରେ ସର୍ଭେକରି ପଦକ୍ଷେପ ଗ୍ରହଣ କରିବ। ଦୁର୍ଗାପୂଜା ପୂର୍ବରୁ ଯାଜପୁର ଜିଲାରୁ ବୟନିକା ୨କୋଟି ଟଙ୍କାର ଉତ୍ପାଦିତ ଲୁଗା କିଣିବାକୁ ପ୍ରତିଶ୍ରୁତି ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରୂପାରୋଶନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବୟନଶିଳ୍ପ ବିଭାଗ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ, ବୁଣାକାର ନେତା ଶ୍ରୀଧର ବେହେରା, ରମେଶ ଦାସ, ଅଶୋକ ଗୁଇଁ, ଗୋବିନ୍ଦ ଦାସ, ଶକୁନ୍ତଳା ଚାନ୍ଦ, ମାଳତି ଦତ୍ତ, ତିଳୋତ୍ତମା ଦାସ ଓ ଦେବୀ ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପଦଯାତ୍ରୀ ବୁଣାକାରଙ୍କୁ ବାଟରେ ଯାଜପୁର ଓ ଧର୍ମଶାଳା ବିଧାୟକ ଅଟକାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ତେଣୁ ଯାଜପୁର ବିଧାୟକ ଦାସଙ୍କ ନେତୃତ୍ୱରେ ବୁଣାକାର ନେତାଙ୍କ ଏକ ୧୫ ଜଣିଆ ନେତୃମଣ୍ଡଳୀ ଭୁବନେଶ୍ୱର ଯାଇଥିଲେ।

## ରାସ୍ତା ପ୍ରଶସ୍ତୀକରଣର ଭିତ୍ତିପ୍ରସ୍ତର

**ବରୀ,୧୭।୮(ଡି.ଏନ୍.ଏ.)**

ଦୀର୍ଘ ଦିନର ପ୍ରତୀକ୍ଷା ପରେ ବରୀ ବ୍ଲକ ଅଧୀନ ବଣବାଜି-କାଇପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ସରକାରଙ୍କ ପକ୍ଷରୁ ୨ କୋଟି ୪୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଅର୍ଥରେ ରାସ୍ତା ପ୍ରଶସ୍ତୀକରଣ ସହ ଆବଶ୍ୟକ ମୁତାବକ ୬ଟି କଲଭର୍ଟ ଓ ଅନ୍ୟ କାର୍ଯ୍ୟ କରାଯିବ।

ସୂଚନାଯୋଗ୍ୟ, ରାସ୍ତା ଦେଇ ବ୍ଲକ ଅଧୀନ ସାହୁପଡ଼ା, ଧାରପୁର, ବାଲିଆ, ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ, ଇଶାଣପୁର ଆଦି ପଞ୍ଚାୟତର ଲୋକେ ବ୍ଲକ୍ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ, ଥାନା ଓ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟଠାରୁ ଆରମ୍ଭ କରି ଯାଜପୁର ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଯିବା ପାଇଁ ନିର୍ଭର କରିଥାନ୍ତି। ତେବେ ଏହା ଏକ ଅଣଚଉଡ଼ା ରାସ୍ତା ହୋଇଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଥିଲା। ତେଣୁ ରାସ୍ତା ପ୍ରଶସ୍ତୀକରଣ କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଥିଲେ। ଲୋକଙ୍କ ଦାବିକୁ ବିଧାୟିକା ଗୁରୁତ୍ୱ ଦେଇ ଥିବାରୁ ତାଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।


ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ନିମ୍ନମାନର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ

**ଧର୍ମଶାଳା,୧୭।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ କମାଗଡ଼ ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଟାଙ୍କି ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳେ ସମ୍ପୃକ୍ତ ଠିକାଦାର ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସେ ନିମ୍ନମାନର ସିମେଣ୍ଟ, ରଡ୍, ଚିପ୍ସ ଓ ମାଟି ମିଶା ବାଲି ବ୍ୟବହାର କରୁଥିବାରୁ ଏହି କାର୍ଯ୍ୟକୁ ଗ୍ରାମବାସୀ ବନ୍ଦ କରିଛନ୍ତି। ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ଠିକାଦାରଙ୍କୁ ଏହା ବେଶ ସୁହାଉଛି। ଲକ୍ଷାଧିକ ଟଙ୍କାରେ ଉଚ୍ଚ କ୍ଷମତା ସମ୍ପନ୍ନ ଟାଙ୍କି ନିର୍ମାଣ କରାଯାଉଥିବେଳେ କ'ଣ ପାଇଁ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି ତାହା ବୁଝାପଡୁନାହିଁ। ପ୍ରତିଘରକୁ ପାଣି ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ବ୍ଲକରେ ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆଠାରେ ଆରମ୍ଭ ହୋଇଛି। ଅଦ୍ୟାବଧି କାର୍ଯ୍ୟ ଭୂମିପତନରେ ରହିଥିବା ଦେଖିବାକୁ ମିଳୁଛି।

୪୫ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ଏଠାରେ ୨୫୦ କୋଟି ଟଙ୍କା ବ୍ୟୟରେ ମେଗା ପ୍ରକଳ୍ପ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ଉଚ୍ଚ କ୍ଷମତା ସମ୍ପନ୍ନ ଟାଙ୍କି ନିର୍ମାଣ କରାଯାଉଛି। ପ୍ରକଳ୍ପର ମନ୍ଥରତା ହେତୁ ପୂର୍ବରୁ ହୋଇଥିବା ବୋରିଂରୁ ପାନୀୟ ଜଳ ଯୋଗାଇବା ପାଇଁ ତରବରିଆ ଭାବେ ବିଭିନ୍ନ ପଞ୍ଚାୟତରେ ଉଚ୍ଚ କ୍ଷମତା ସମ୍ପନ୍ନ ଟାଙ୍କି ନିର୍ମାଣ ହୋଇଥିବା ଅଭିଯୋଗ ହେଉଛି। ସେହି ଆଧାରରେ କମାଗଡ଼ଠାରେ ସମ୍ପୃକ୍ତ ଠିକାଦାର ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଶତାଧିକ ଲୋକେ ଏହି କାର୍ଯ୍ୟକୁ ବିରୋଧ କରିବା ସହିତ କାମ ବନ୍ଦ କରିଥିଲେ। ନିୟମାନୁଯାୟୀ ଟାଙ୍କିର ନିର୍ମାଣ କାର୍ଯ୍ୟ କରିବାକୁ ଗ୍ରାମର ବାବୁଲି ସାହୁ, ଅନି ସେଠୀ, ଶରତ ରାଉତ, ହରିଆ ବଳ, ଶ୍ରୀଧର ଭୂୟାଁ, ଗଦା ଭୂୟାଁ, ପ୍ରକାଶ ପ୍ରଧାନ, ଧୀରେନ୍ଦ୍ର ପରିଡ଼ା, ସୁବାସ ସାହୁ ଓ ବିପିନ କୁମାର ଓଝା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ପ୍ରକଳ୍ପ ନିର୍ମାଣସ୍ଥଳରେ ଲୋକେ ରୁଣ୍ଡହୋଇ ବିରୋଧ କରୁଛନ୍ତି।

**କୁକୁର କାମୁଡ଼ାରେ ୨୨ ଆହତ**

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ସହର ତଥା ଆଖପାଖ ଅଞ୍ଚଳରେ ପାଗଳ କୁକୁର କାମୁଡ଼ାରେ ୨ ଦିନରେ ପିଲାଠାରୁ ବୟସ୍କ ଯାଏ ୨୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବୁଗୁଡ଼ାର ସାଇରେନ୍ଦ୍ର ନାୟକ, ଆଦିତ୍ୟ ସୁବୁଦ୍ଧ, ଉଦୟ ନାୟକ, ସୁବାସ ପଣ୍ଡା, ଚିନ୍ମୟ କୁମାର ସାହ, ପ୍ରସନ୍ନ ନାୟକ, ଯୋଗୀ ବେହେରା, ରୋହିତ ପ୍ରଧାନ, ରବିନ୍ ପ୍ରଧାନ, ମଞ୍ଜୁଳା ନାୟକ, ଶୁଭମ୍ ଜେନା, ରାଜେଶ ଗୌଡ଼, ପୂର୍ଣ୍ଣବାସୀ, ସନ୍ତୋଷୀ ଗୌଡ଼, ବିଶ୍ୱ ବନ୍ଦିତା ବିଶୋୟୀ, ବାସନ୍ତୀ ସାହୁ, ଗଣେଶ ଡାକୁଆ, ଜଗତ ପାଟଣାର ସତ୍ୟ ଭୂଷଣ ନାୟକ ଓ ଶିବାନୀ ନାୟକ, କାଦପଡ଼ା ଗ୍ରାମର ଆରତୀ ସେଠୀ, କତକଲା ଗ୍ରାମର ଅମିତ ବିଷୋୟୀ ଓ ରାଜୁ ପ୍ରଧାନ। ସମସ୍ତ ଆହତ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୭।୮: ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଉଛି ଗେଟ୍‌ବଜାର ଗୋଲାପଲ୍ଲୀ ସାହିର କେ.ସୁଲଭ ପାତ୍ର (୨୦)। ମାମଲା ନମ୍ବର ୨୭୩/୨୧ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୋମବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଛି। ନାବାଳିକାଙ୍କ ମା'ବାପା ନିଜ ଜମିକୁ କାମ କରିବାକୁ ଯାଇଥିଲେ। ନାବାଳିକା ଜଣକ ଏକାକୀ ଥିବାବେଳେ ଏହାର ସୁଯୋଗ ନେଇ ସୁଲଭ ତାଙ୍କ ଘରେ ପଶିଥିଲେ। ସେଠାରେ ସେ ତାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ମା' ଘରକୁ ଫେରିବା ପରେ ପୀଡ଼ିତା ଏନେଇ ତାଙ୍କୁ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ମା' ସୋମବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ପୋଲିସ ଅଭିଯୁକ୍ତ ସୁଲଭଙ୍କୁ ଗିରଫ କରିଥିଲା।

### ମୋ ସୁନା ଭାରତରେ ବିଇଓଙ୍କ କଣ୍ଠଦାନ



ଛତ୍ରପୁର,୧୭।୮ (ଡି.ଏନ୍.ଏ.): ଭାରତର ବିକାଶକୁ ନେଇ ଗୀତ 'ମୋ ସୁନା ଭାରତ' ସ୍ୱାଧୀନତା ଦିବସରେ ରିଲିଜ୍ ହୋଇଛି। ଏଥିରେ ଛତ୍ରପୁର ବ୍ଲକ ଶିକ୍ଷାଅଧିକାରୀ ଅବିନାଶ ଶତପଥୀ କଣ୍ଠଦାନ କରିଛନ୍ତି। ଦେଶର ବିକାଶକୁ ନେଇ ଏହି ଗୀତ ରଚନା ହୋଇଛି। ଓଡିଶା ଏବଂ ଗଞ୍ଜାମ ଜିଲାର ସଂସ୍କୃତି ଓ ପରମ୍ପରାକୁ ଏହି ଗୀତରେ ପ୍ରାଧାନ୍ୟ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବିଇଓଙ୍କ ବିଭିନ୍ନ ନୂତନ ଚିନ୍ତାଧାରାକୁ ନେଇ ପ୍ରଂଶସିତ ହୋଇଥିଲେ। ମୋବାଇଲ୍ ନେଟୱର୍କ ନଥିବା ସ୍ଥାନରେ ଅନଲାଇନ୍‌ରେ ପିଲାଙ୍କ ପାଠ ପଢିବାରେ ଅସୁବିଧା ହେଉଥିବାରୁ ଘର ନିକଟକୁ ଯାଇ ଶିକ୍ଷକ ପାଠ ପଢାଇବା ବ୍ୟବସ୍ଥା ଆରମ୍ଭ କରିଥିଲେ। ପରେ ରାଜ୍ୟ ସରକାର ମଧ ଏହି ଚିନ୍ତାଧାରାକୁ ଆପଣେଇଥିଲେ।

### ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

ବେଆଇନ ପାଣି ଫ୍ୟାକ୍ଟ୍ରି ଠାବ ମାମଲା

ବ୍ରହ୍ମପୁର ଅଫିସ,୧୭।୮: ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ବିଚାରପତି ଦେବାଶିଷ ପଣ୍ଡା ବେଆଇନ ପାଣି ଫ୍ୟାକ୍ଟ୍ରି ଠାବ ମାମଲାର ଅଭିଯୁକ୍ତଙ୍କୁ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଏହାସହିତ ଅଭିଯୁକ୍ତ ପିଙ୍କୁ ସାମଲଙ୍କୁ ୫ହଜାର ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜୁଲାଇ ୨୧ରେ ଗୋଷାଣୀନୂଆଗାଁ ପୋଲିସ ସଦାନନ୍ଦ ବିହାରରେ ଚାଲିଥିବା ଏକ ନକଲି ପାଣି ଫ୍ୟାକ୍ଟ୍ରିରେ ଚଢ଼ାଉ କରି ସେଠାରୁ ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ ଜବତ କରିଥିଲା। ଏପରିକି ଅନେକ ମେଶିନ ମଧ ଜବତ କରିଥିଲା। ବିନା ପଞ୍ଜୀକରଣରେ ବେଆଇନ ଭାବେ ନକଲି ପାଣି ପାଉଚ୍ ପ୍ରସ୍ତୁତ କରିବା ଅଭିଯୋଗରେ ପୋଲିସ ମାଲିକ ପିଙ୍କୁଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୮୫/୨୧ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ପାଇଁ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଗୋଲକ ତ୍ରିପାଠୀ ଓ ପ୍ରଶାନ୍ତ ନାୟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଆବେଦନ କରିଥିଲେ।

### ଇନ୍‌ଡୋର ଷ୍ଟାଡିୟମ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କାଶୀନଗର,୧୭।୮ (ଡି.ଏନ୍.ଏ.): ଗଜପତି ଜିଲା କାଶୀନଗରଠାରେ ବିଜୁ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଥିଲେ। କାଶୀନଗରଠାରେ ଶନିବାର ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ନିମନ୍ତେ ଧନ୍ୟବାଦ ଅର୍ପଣ ସଭା ଜିଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଜିଲା କ୍ରୀଡା ସମ୍ପାଦକ ଦେବାଶିଷ ପାଢ଼ୀ, ଶିଳ୍ପପତି ତିରୁପତି ପାଣିଗ୍ରାହୀ, ଏନ୍‌ଏସିର ପୂର୍ବତନ ଅଧକ୍ଷ ଏମ୍. ସୁଧାରାଣୀ, ଡାକ୍ତର ମାରୁତି ପାଳ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ବିନୋଦ ଜେନା, ଆଦିବାସୀ ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ଗଜପତି ଜିଲା ବିଜେଡି ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ, ଜିଲା ପରିଷଦ ସଦସ୍ୟ ଜି. ତିରୁପତି ରାଓ, ପଦ୍ମିନୀ ସାହୁ, କେ. ମଧୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ନଗର ସଭାପତି ରଘୁରାମ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଟି ବସ୍‌ଷ୍ଟାଣ୍ଡ ଶୌଚାଳୟରେ ତାଲା

## ଯାତ୍ରୀ ହଟହଟା, ବିଡିଏର ନିଘା ନାହିଁ

ବ୍ରହ୍ମପୁର ଅଫିସ୍,୧୭।୮




ବନ୍ଦ ରହିଥିବା ଶୌଚାଳୟ।

ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ସବୁଜ ସୁନ୍ଦର ଲକ୍ଷ୍ୟରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଡିଏ ପକ୍ଷରୁ ବର୍ତ୍ତମାନ କର୍ପୋରେଶନ୍ ରୋଡ୍‌ଠାରେ ଗଞ୍ଜାମ ହାଟ ଓ ଆମ୍ବପୁଆଠାରେ ରକ୍ ଗାର୍ଡେନ୍ ନିର୍ମାଣାଧୀନ ରହିଛି। ତେବେ ବ୍ରହ୍ମପୁର ସହରକୁ ସ୍ୱଚ୍ଛତା ଲକ୍ଷ୍ୟରେ ବିଡିଏ ପକ୍ଷରୁ ସହରର କେତୋଟି ସ୍ଥାନରେ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଶୌଚାଳୟ ସ୍ଥାପନ କରାଯାଇଛି। କିନ୍ତୁ ଶୌଚାଳୟଗୁଡିକର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ତାହା ଅଚଳ ହୋଇ ପଡିଛି। ଏଥିପ୍ରତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ସହରର ସିଟି ବସ୍‌ଷ୍ଟାଣ୍ଡଠାରେ ମଧ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରାଯାଇଛି। ଯାହା ସିଟି ବସ୍‌ଷ୍ଟାଣ୍ଡର ପ୍ରବେଶ ପଥରେ ରହିଛି। ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ଓ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ ଲକ୍ଷ୍ୟରେ ଏହାକୁ ନିର୍ମାଣ କରାଯାଇଛି। କିନ୍ତୁ ଆଜକୁ ପ୍ରାୟ ୪ରୁ ୫ ମାସ ପର୍ଯ୍ୟନ୍ତ ଏହି ଶୌଚାଳୟଟି ଯାତ୍ରୀ କିମ୍ବା ସର୍ବସାଧାରଣ ବ୍ୟବହାରୁ କରିପାରୁ ନାହାନ୍ତି। ଶୌଚାଳୟ ନିର୍ମାଣ ପରଠାରୁ ଏଠାରେ ତାଲା ଝୁଲି ରହିଛି। ଫଳରେ ବହୁ ଦୂରଦୂରାନ୍ତରୁ ଆସୁଥିବା ବସ୍ ଯାତ୍ରୀ ନାନା ହଇରାଣ ହରକତ ହେଉଛନ୍ତି। ଏହା ବସ୍‌ଷ୍ଟାଣ୍ଡର ପ୍ରବେଶ ପଥରେ ଥିବା ବେଳେ ଅନେକ ସମୟରେ ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଏହି ଶୌଚାଳୟ ସମ୍ମୁଖରେ ପାର୍କିଂ କରାଯାଉଥିବା ଦେଖିବାକୁ ମିଳୁଛି। ଏହାକୁ ଖୋଲିବା ପାଇଁ ବସ୍ ମାଲିକ ଓ ବ୍ୟବସାୟୀଙ୍କ ପକ୍ଷରୁ ବିଡିଏକୁ ଅନୁରୋଧ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଡିଏ ସଚିବ ସମ୍ମିତ ରାଉତଙ୍କ ସହ ଯୋଗାଯୋଗ କରିବାରୁ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ରଟି ବର୍ତ୍ତମାନ ନିର୍ମାଣାଧୀନ ରହିଛି। ସେଥିରୁ ଶୌଚାଳୟକୁ ପାଣି ସଂଯୋଗ କରାଯିବ। କାର୍ଯ୍ୟ ଶେଷ ହେବାପରେ ଶୌଚାଳୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ତେବେ ବିଡିଏ ପକ୍ଷରୁ ଶୌଚାଳୟ ଖୋଲିବା ନେଇ ବାରମ୍ବାର ପ୍ରତିଶ୍ରୁତି ମିଳୁଥିବା ବେଳେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ ନ ଥିବା ବହୁ ଯାତ୍ରୀ ଓ ସାଧାରଣ ଜନତା ଅଭିଯୋଗ କରିଛନ୍ତି। ଏଣୁ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଶୌଚାଳୟକୁ ଖୁବ୍ ଶୀଘ୍ର ବ୍ୟବହାର ଉପଯୋଗୀ କରାଯାଉ ନଚେତ୍ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଟିକା ଅଭାବକୁ ନେଇ ଉତ୍ତେଜନା



ଟିକା ଅଭାବକୁ ନେଇ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା।

ଖଣ୍ଡପଡ଼ା,୧୭।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଟିକାର ଅଭାବକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ଜୋନର ଅନ୍ୟାନ୍ୟ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଟିକା ଦିଆଯାଉଛି। ହେଲେ ସେହି ଅଞ୍ଚଳର ଲୋକମାନେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ନେବାକୁ ଚାଲି ଆସୁଥିବାରୁ ଟିକାର ଅଭାବ ଲାଗି ରହିଛି। ଏଥିପାଇଁ ସେଠାରେ ସମସ୍ୟା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ପୋଲିସ ଫୋର୍ସ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ଅନୁଯାୟୀ ଟିକା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ୧୦ ଦିନ ପରେ ବି ମିଳୁନି ସୁରାକ

## ଏମ୍‌କେସିଜି କୋଭିଡ୍ ହସ୍ପିଟାଲ୍‌ରୁ ୟୁଟିପି ଚମ୍ପଟ ଘଟଣା

ବ୍ରହ୍ମପୁର ଅଫିସ୍,୧୭।୮

ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ୍ (ଡିସିଏଚ୍-୧)ରୁ ଜଣେ ଚିକିତ୍ସାଧୀନ କଏଦୀ ଗତ ୬ ତାରିଖରେ ଚମ୍ପଟ ମାରିଥିଲେ। ତାଙ୍କ ନାମ ମୀର ତହସିନ(୩୭)। ଘର ନୟାଗଡ଼ ଜିଲା ନୟାଗଡ଼ କଟିଆ ସାହି। ଏହି ଘଟଣା ପରେ ତାଙ୍କୁ ଜଗିଥିବା ଜେଲ୍ ୱାର୍ଡ଼ର୍ ଗୌତମ କହଁରଙ୍କ ତରଫରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଘଟଣାର ୧୦ ଦିନ ପରେ ବି ଅଭିଯୁକ୍ତଙ୍କ ସୁରାକ ପୋଲିସକୁ ମିଳି ପାରୁନାହିଁ। ଫଳରେ ପୋଲିସର ଏବେ ଚିନ୍ତା ବଢିଯାଇଛି। ଅଭିଯୁକ୍ତଙ୍କ ବାସଭବନ ନୟାଗଡ ଓ ତାଙ୍କର କେତେକ ସମ୍ପର୍କୀୟଙ୍କ ଘରେ ପୋଲିସ ଟିମ୍ ଚଢ଼ାଉ କରିଥିଲେ ମଧ ଟେର ପାଇପାରିନାହିଁ।

ଜୁଲାଇ ୪ରେ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବାଲିଗୁଡ଼ା ପୋଲିସ ମୀର ତହସିନଙ୍କୁ ଗିରଫ କରିଥିଲା। ସେହିଦିନଠାରୁ ସେ ବାଲିଗୁଡ଼ା ସବ୍‌ଜେଲ୍‌ରେ ବିଚାରାଧୀନ ବନ୍ଦୀ (ୟୁଟିପି) ଭାବେ ଥିଲେ। ଗତ ୨୮ ତାରିଖରେ ତାଙ୍କୁ ଜ୍ୱର ହେବା ସହିତ କୋଭିଡ୍ ଲକ୍ଷଣ ଜଣାପଡ଼ିଥିଲା। ୩୦ତାରିଖରେ ଆରଟି-ପିସିଆର ପରୀକ୍ଷା କରିବା ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗତ ୩୧ ତାରିଖରେ ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡିସିଏଚ୍-୧କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅଗଷ୍ଟ ୬ ରାତିରେ ସେ ଫେରାର ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ପୋଲିସ ଏବେ ତଦନ୍ତ ଜାରି ରଖିଛି ବୋଲି ବ୍ରହ୍ମପୁର ଟାଉନ ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

### ମଗୁଡ଼ି ଘୋଷଣା ଦାବିରେ ଭାଜପାର ଦାବିପତ୍ର

ପାତ୍ରପୁର ୧୭।୮(ଡି.ଏନ.ଏ.)

ଟିକିଟି ଓ ପାତ୍ରପୁର ଅଞ୍ଚଳରେ ଅନିୟମିତ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପା ତରଫରୁ ପାତ୍ରପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟିକିଟି ନିର୍ବାଚନ ମଣ୍ଡଳୀର ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଶହେରୁ ଊର୍ଦ୍ଧ୍ୱ ଚାଷୀ ପାତ୍ରପୁର ତଳ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଟିକିଟି ନିର୍ବାଚନ ମଣ୍ଡଳୀର ୮୦-୯୦ ପ୍ରତିଶତ ଭାଗ ଚାଷ କାର୍ଯ୍ୟ ପାଣି ଅଭାବ ଯୋଗୁ ଚାଷ କାମ ହୋଇପାରିନି। ଦାବିପତ୍ର ପ୍ରଦାନ ବେଳେ କେଶରୀପଡା ସରପଞ୍ଚ. ମୋହନ ରାଓ, ପୂର୍ବତନ ସରପଞ୍ଚ ଧନୁ ଶବର, ସୁରଙ୍ଗୀ ମଣ୍ଡଳ ସଭାପତି ରଞ୍ଜନ ପ୍ରଧାନ, ଲଳିତା ଶବର, ଜି.ଭାରତୀ, ସରୋଜ ପଣ୍ଡା, ରାକେଶ ରେଡ୍ଡୀ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଖାଲିପଡ଼ିଥିବା ପଦବୀରେ ନିଯୁକ୍ତି

## ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର



ଆଲୋଚନାରେ ସଂଘ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ୍,୧୭।୮

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ୭ ଦଫା ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ନଗର ଚିକିତ୍ସାଳୟ ସମେତ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି, କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ, ଗ୍ରେଡେଶନ୍‌ଅନୁଯାୟୀ ୩ୟ ଶ୍ରେଣୀ ମାନ୍ୟତା ଓ ଜାତୀୟ ଦିବସ, ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସରେ ଦିନକର ଦରମା ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଉପରୋକ୍ତ ଦାବି ଗୁଡିକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମା ଶଙ୍କର ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ନଗର ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ଡା. ମିଶ୍ର କହିଥିଲେ। ଆଲୋଚନାରେ ସଂଘ ଜିଲା ସମ୍ପାଦକ ଜି.ନରସିଂହ ରାଓ, ରାଜ୍ୟ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାୟକଙ୍କ ସମେତ ବିଜୟ କୁମାର ପାତ୍ର, ତାରିଣୀ ପାତ୍ର ଓ ସନ୍ତୋଷ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

# ଉଠାଦୋକାନୀଙ୍କୁ ଥଇଥାନ ଦାବି



ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ।

## କମିଶନରଙ୍କୁ ଦାବି ପତ୍ର

ବ୍ରହ୍ମପୁର ଅଫିସ୍,୧୭।୮

ବ୍ରହ୍ମପୁରରେ ଉଠା ଦୋକାନୀଙ୍କୁ ଥଇଥାନ ଦାବିରେ ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ବିଏମ୍‌ସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଠା ଦୋକାନୀ ବ୍ୟବସାୟୀଙ୍କ ଅଭିଯୋଗ ମୁତାବକ, ଗତ ଏକ ସପ୍ତାହ ହେଲା ବିଏମ୍‌ସି ପକ୍ଷରୁ ରାସ୍ତା କଡରେ ରହିଥିବା ବହୁ ଉଠା ଦୋକାନୀଙ୍କୁ ବିଏମ୍‌ସି କର୍ମଚାରୀମାନେ ଜୋରଜବରଦସ୍ତି ଉଠାଇ ଦେଇଛନ୍ତି। ଫଳରେ ବହୁ ବ୍ୟବସାୟୀ ବ୍ୟବସାୟରୁ ବଞ୍ଚିତ ହୋଇଛନ୍ତି। ଏଣୁ ସହରରେ ରହିଥିବା ଉଠା ଦୋକାନୀଙ୍କୁ ତୁରନ୍ତ ଥଇଥାନ ସହ ସ୍ଥାୟୀ ସମାଧାନ ପାଇଁ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କିରଣ କୁମାର ସାହୁ, ମଧୁସୂଦନ ସାହୁ ଓ ଅର୍ଜୁନ ପଣ୍ଡାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରଜକ ସମାଜର ଗୋଶାଣୀ ନୂଆଗାଁ ମୁଠା କର୍ମକର୍ତ୍ତା ଚୟନ

ଗୋପାଳପୁର,୧୭।୮(ଡି.ଏନ.ଏ.)

ମହୁରୀ ତାଲୁକା ରଜକ ସମିତି ଅଧୀନ ଗୋଶାଣୀନୂଆଗାଁ ମୁଠା ନୂତନ କର୍ମକର୍ତ୍ତା ଚୟନ ରାଳବ ସ୍ଥିତ କାଳୁଆ ମନ୍ଦିର ପ୍ରାଙ୍ଗଣରେ ମହୁରୀ ତାଲୁକା ସଭାପତି ବ୍ରଜାନନ୍ଦ ସେଠୀଙ୍କ ସଭାପତିତ୍ୱରେ୨୭ଖଣ୍ଡ ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଗୋଶାଣୀନୂଆଗାଁ ମୁଠା ସଭାପତି ଭାବେ ବିଜୟ କୁମାର ସେଠୀ, ଉପସଭାପତି ଗାଣ୍ଡୁ ସେଠୀ, ରବିଶଙ୍କର ସେଠୀ, ସମ୍ପାଦକ ସୁଦର୍ଶନ ସେଠୀ, ସାଙ୍ଗଠନିକ ସମ୍ପାଦକ ରାମ ସେଠୀଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହୁରୀ ତାଲୁକା ଉପସଭାପତି ଦାଶରଥି ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ସେଠୀ, କୋଷାଧକ୍ଷ ଲିଙ୍ଗରାଜ ସେଠୀ, ଉପଦେଷ୍ଟା କାମା ପ୍ରସାଦ ସେଠୀ, ଅସନ୍ତୁଲୁ ସେଠୀ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତା ଚୟନ କରିଥିଲେ।

# ଗଞ୍ଜାମ ଜିଲା: ଡେଙ୍ଗୁ ରୋଗୀ ୧୪

ବ୍ରହ୍ମପୁର ଅଫିସ,୧୭।୮

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୧୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ମଙ୍ଗଳବାର କୁକୁଡ଼ାଖଣ୍ଡି, ଛତ୍ରପୁର, ଚିକିଟି, ରଙ୍ଗେଇଲୁଣ୍ଡା ଓ ବ୍ରହ୍ମପୁର ସହରରୁ ଜଣେ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କୁକୁଡ଼ାଖଣ୍ଡି ବ୍ଲକର ୩୨ ବର୍ଷୀୟା ମହିଳା ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଘର କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁରୁଣ୍ଟି ବୋଲି ଜଣାପଡିଛି। ସେହିପରି ଛତ୍ରପୁର ବ୍ଲକ କେ.ଆର୍ଯ୍ୟପଲ୍ଲୀର ଜଣେ ଯୁବତୀ, ଚିକିଟି ବ୍ଲକ ସୁମାଣ୍ଡିର ଜଣେ ଯୁବକ, ରଙ୍ଗେଇଲୁଣ୍ଡା ବ୍ଲକ ମେଣ୍ଡରାଜପୁରର ଯୁବତୀ ଓ ବ୍ରହ୍ମପୁର କମାପଲ୍ଲୀ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ମଙ୍ଗଳବାର ଆସିଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ତରଫରୁ ଗୋଟିଏ ଲେଖାଏ ଟିମ୍ ଉପରୋକ୍ତ ୪ଟି ବ୍ଲକର ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରିଥିଲେ। ସେଠାରୁ ଏଡିସ୍ ମଶାର ଲାର୍ଭା ଚିହ୍ନଟ କରାଯାଇ ତାହାକୁ ନଷ୍ଟ କରାଯାଇଥିଲା। ସେହିପରି ବ୍ରହ୍ମପୁର କମାପଲ୍ଲୀରେ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ପହଞ୍ଚି ସଚେତନ କରିଥିଲେ।

# ନକଲି ବିଦେଶୀ ମଦ କାରଖାନାରେ ଚଢ଼ାଉ, ଜଣେ ଗିରଫ



ଜବତ ମଦ ।

ଭଞ୍ଜନଗର,୧୭।୮(ଡି.ଏନ.ଏ)

ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ପଞ୍ଚାୟତ ରାଇପଲ୍ଲୀରେ ଚାଲିଥିବା ଏକ ନକଲି ବିଦେଶୀ ମଦ କାରଖାନା ଉପରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୪୪ଟି ହୋମିଓପାଥିକ୍ ସ୍ପିରିଟ୍ ବୋତଲ, ୧୨୮୯ ନକଲି ବିଦେଶୀ ମଦ ବୋତଲ, ବିଭିନ୍ନ ନାମୀଦାମୀ କମ୍ପାନୀର ନକଲିଲୋଗୋ, ପୁରୁଣା ଖାଲି ବୋତଲ ଆଦି ଜବତ କରାଯାଇଛି। ଏହି ଘଟଣାରେ ତାରସିଂ ଥାନା ଅନ୍ତର୍ଗତ ଗରୁଡ଼ ଗ୍ରାମର ଟୁଲୁ ନାୟକଙ୍କୁ ଗିରଫ କରାଯାଇଛି। ଫେରାର୍ ହୋଇଯାଇଥିବା ଆଉ ୨ ଜଣଙ୍କୁ ଗିରଫ ପାଇଁ ଅବକାରୀ ପୋଲିସ ଚେଷ୍ଟା ଚଳାଇଛି। ଟୁଲୁ ଲକ୍‌ଡାଉନ ସମୟରେ ତାଙ୍କ ସହଯୋଗୀମାନଙ୍କ ସହ ମିଶି ନକଲି ମଦ କାରବାର ବ୍ୟବସାୟ ଚଳାଇଥିଲେ । ସେମାନେ ନାମୀ ଦାମୀ କମ୍ପାନୀର ପୁରୁଣା ବୋତଲ ବଜାରରୁ ସଂଗ୍ରହ କରି ସେଥିରେ ନକଲି ଲୋଗୋ ଲଗାଇ ନକଲି ମଦ ଭର୍ତ୍ତି କରି ବଜାରକୁ ଛାଡୁଥିଲେ। ଏ ନେଇ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା । ଭଞ୍ଜନଗର ଅବକାରୀ ଅଧିକାରୀ ରମ୍ଭା ବାଗ୍, ରାମେଶ୍ୱର ବେହେରା, କୃଷ୍ଣ ସେଠୀ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, ସନାତନ ନାୟକ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ ।

# ଆରଡିସି ଅଫିସ ଆଗରେ ସିପିଏମ୍‌ର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୭।୮




ଆର୍‌ଡିସି ଅଫିସ ଆଗରେ ସିପିଏମ୍‌ର ବିକ୍ଷୋଭ ।

- ପୋଲାଭରମ୍ ଜାତୀୟ ପ୍ରକଳ୍ପକୁ ବିରୋଧ
- ସର୍ବଦଳୀୟ ବୈଠକ ଦାବି

ଦକ୍ଷିଣାଞ୍ଚଳ ଆରଡିସି ବ୍ରହ୍ମପୁର ଅଫିସ ଆଗରେ ସିପିଏମ୍ ଗଞ୍ଜାମ ଜିଲା କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ହୋଇଥିଲା। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରି ନିକଟରେ ନିର୍ମାଣ କରାଯାଉଥିବା ଜାତୀୟ ପ୍ରକଳ୍ପ ପୋଲାଭରମ୍‌କୁ ବିରୋଧ କରି ଏହି ଆନ୍ଦୋଳନ କରାଯାଇଥିଲା। ପୋଲାଭରମ୍ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ଅନେକ ଗ୍ରାମ ବୁଡ଼ିବାର ସ୍ପଷ୍ଟ ହୋଇଥିବାରୁ ଏହାକୁ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ କମିଶନରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

ପାର୍ଟି ରାଜ୍ୟ କମିଟି ନିର୍ଦ୍ଦେଶରେ ହୋଇଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ନେତାମାନେ ସୂଚାଇଛନ୍ତି, ମାଲକାନଗିରି ଜିଲା ଦୁଇ ପାର୍ଶ୍ୱରେ ସାବେରି ଓ ସିଲେରୁ ନଦୀ ପ୍ରବାହିତ ହେଉଛି। ଶେଷ ଗ୍ରାମ ମୋଟୁଠାରେ ଏକତ୍ର ହୋଇ ଆନ୍ଧ୍ରର କୋନାଭରମ୍‌ଠାରେ ମହାରାଷ୍ଟ୍ରରୁ ପ୍ରବାହିତ ଗୋଦାବରୀରେ ମିଶି ପୁଣି ରାଜମହେନ୍ଦ୍ରି ଦେଇ ବଙ୍ଗୋପସାଗରରେ ବିଲୀନ ହେଉଛି। ଗୋଦାବରୀ ନଦୀର ଶେଷ ମୁଣ୍ଡରେ ପାଣିକୁ ରୋକି ୧୮୨ ଫୁଟ ଉଚ୍ଚ ଡ୍ୟାମ (ଜଳ ଭଣ୍ଡାର) ନିର୍ମାଣ ଦ୍ୱାରା ଓଡ଼ିଶା ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ବହୁବର୍ଷ ତଳୁ ଏହାକୁ ବିଭିନ୍ନ ମହଲରୁ ବିରୋଧ କରାଯାଉଛି। ରାଜନୈତିକ ଦୃଷ୍ଟିକୋଣରୁ କେନ୍ଦ୍ର ସରକାର ଓଡ଼ିଶା ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରି ପୋଲାଭରମ୍‌କୁ ଜାତୀୟ ପ୍ରକଳ୍ପ ଘୋଷଣା କରିଛନ୍ତି।

ସିପିଏମ୍ ୨୦୦୮ରୁ ଏହାକୁ ବିରୋଧ କରି ଆସୁଛି । ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଛି। ରାଜ୍ୟ ସରକାର କଠୋର ପଦକ୍ଷେପ ନ ନେଇ ଅଦାଲତର ଆଶ୍ରୟ ନେଇ ଚୁପ ରହିଛନ୍ତି। ଅପରପକ୍ଷରେ ପ୍ରକଳ୍ପ ନିର୍ମାଣକୁ ଆନ୍ଧ୍ର ସରକାର ତ୍ୱରାନ୍ୱିତ କରିବାରେ ଲାଗିଛନ୍ତି। ଇତିମଧ୍ୟରେ ୮୦ ଗ୍ରାମବାସୀଙ୍କୁ ଉଚ୍ଛେଦ କରିଛନ୍ତି। ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ଜଳ, ଜମି ଓ ଜଙ୍ଗଲ କ୍ଷତି ହେଉଥିବା ସତ୍ତ୍ୱେ ବିଜେଡି ସରକାର ଜନଶୁଣାଣି ମଧ କରିନଥିବା ବାମପନ୍ଥୀ ଦଳ ସଂଗୀନ ଅଭିଯୋଗ କରିଛି। ସମସ୍ୟାର ସମାଧାନ ବାଟ ବାହାର କରିବାକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବାକୁ ଦାବି କରାଯାଇଛି। ସିପିଏମ୍ ନେତା ଯୁଧିଷ୍ଠିର ବେହେରା, ହରିକୃଷ୍ଣ ରେଡ୍ଡୀ ଓ ବସନ୍ତ ନନ୍ଦ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ୧୮ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧୭।୮:** ନୟାଗଡ଼ ଜିଲାରେ ମଙ୍ଗଳବାର ପୁଣି ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷିରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୫୦ ରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଦଶପଲ୍ଲା ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୩, ନୟାଗଡ଼ ବ୍ଲକରେ ୨, ନୂଆଗାଁ ବ୍ଲକରେ ୧, ଓଡ଼ଗାଁ ବ୍ଲକରେ ୧, ରଣପୁର ବ୍ଲକରେ ୨ ଓ ନୟାଗଡ ପୌରାଞ୍ଚଳରେ ୮ଜଣ ଚିହ୍ନଟ ହୋଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ ଜିଲାରୁ ୧୯୦ଜଣଙ୍କ ଜୀବନ ନେଇଛି।

### ସ୍କୁଲ ନିରୀକ୍ଷକଙ୍କ ସ୍ମୃତିସଭା

**ଖଣ୍ଡପଡ଼ା,୧୭।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ସ୍କୁଲ ନିରୀକ୍ଷକ ଈଶ୍ୱର ଚନ୍ଦ୍ର ମିଶ୍ରଙ୍କ ସ୍ମୃତିସଭା କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ନକୁଳ ସାହୁ, ଜମେଶ୍ୱର ପ୍ରଧାନ, ରାମଚନ୍ଦ୍ର କାଣ୍ଟି, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ଶରତ ଚନ୍ଦ୍ର ମହାରଣା, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଶ୍ରୀକାନ୍ତ ମିଶ୍ର, ଉଜ୍ଜଳ ମହାରଣା ଓ ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ନୀରବପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

### ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ଜାରି

**ଖଣ୍ଡପଡ଼ା,୧୭।୮(ସ୍ୱ.ପ୍ର.):** କରୋନା କଟକଣା ଯୋଗୁ ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ରହିବା ପରେ ଗତ ୨ତାରିଖରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତ ଶିକ୍ଷାବର୍ଷ ପାଇଁ ନବମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍କୁଲ ଯଥା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଯୋଗିଆପଲ୍ଲୀ, କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲ କଣ୍ଟିଲୋ, ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଏବଂ ସହରାଞ୍ଚଳ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଛି। ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍କୁଲକୁ ଆସୁଥିବା ବ୍ଲକ୍ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି। ସ୍କୁଲ ଆସିବା ପାଇଁ ଅଭିଭାବକଙ୍କ ଅନୁମତି ପତ୍ର ବାଧ୍ୟତାମୂଳକ ହୋଇଛି। ସ୍କୁଲ ଆସୁ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନରେ ପାଠପଢ଼ା ଜାରି ରହିବ ବୋଲି ସେ କହିଛନ୍ତି।

### ୪୮ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ,୧୭।୮:** ନୟାଗଡ଼ ବ୍ଲକର ଝୁମ୍ପୁରି ମା'ବୀରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଭଲ୍ୟୁଣ୍ଟାରୀ ଫୋରମ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରୁ ୪୮ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଏହି ଶିବିରକୁ ଡାକ୍ତର ଜୁଲେଟ ଦାସ ଓ ନୟାଗଡ଼ ରକ୍ତଭଣ୍ଡାର କର୍ମଚାରୀ ପରିଚାଳନା କରିଥିଲେ। ବିଭୂତି ଭୂଷଣ ପଟ୍ଟନାୟକ, ଦାମୋଦର ସାହୁ ଓ ମାନସ ମହାପାତ୍ର ସହଯୋଗ କରିଥିଲେ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ: ୮ ଆହତ, ୪ ଗୁରୁତର

**ନୟାଗଡ଼ ଅଫିସ,୧୭।୮:** ନୟାଗଡ଼ ଜିଲା ଫତେଗଡ ଥାନା ବାଇଗୁଣିଆ ପଞ୍ଚାୟତ ବୋରଗାଁରେ ଦୁଇ ପରିବାର ମଧ୍ୟରେ ମାରପିଟ୍ ଘଟି ଉଭୟ ପକ୍ଷରୁ ୮ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ପୂର୍ବ ଶତ୍ରୁତା ମାରପିଟ୍‌ର କାରଣ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ, ବୋରଗାଁର ଉଚ୍ଛବ ଦଳେଇ ଓ ମାଗି ଦଳେଇଙ୍କ ମଧ୍ୟରେ ପ୍ରାୟ ୧ବର୍ଷ ହେଲା ବିବାଦ ଲାଗି ରହିଛି। ପୂର୍ବରୁ ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ମଙ୍ଗଳବାର ଦ୍ୱିପ୍ରହର ସମୟରେ ବିବାଦ ବଢ଼ିଥିଲା। ଉଭୟ ପରିବାର ମଧ୍ୟରେ କଥା କଟାକଟି, ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏନେଇ ଉଚ୍ଛବ ଦଳେଇଙ୍କ ସ୍ତ୍ରୀ ପାର୍ବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୫୧/୨୧) ରୁଜୁ କରିଛି। ପାର୍ବତୀଙ୍କ ଅଭିଯୋଗରେ ମନୋଜ ଦଳେଇ, ସୁଧିର ଦଳେଇ, ମିନତୀ ଦଳେଇ, କଳ୍ପନା ଦଳେଇ ଓ ସୌମ୍ୟରଞ୍ଜନ ଦଳେଇଙ୍କ ନାଁ ରହିଛି।

# ଅନାସ୍ଥା ଭୋଟରେ ହାରିଲେ ଭାପୁର ବ୍ଲକ ଅଧ୍ୟକ୍ଷା

**ନୟାଗଡ଼ ଅଫିସ,୧୭।୮**

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଅନାସ୍ଥା ଭୋଟରେ ମଙ୍ଗଳବାର ହାରି ଯାଇଛନ୍ତି। ମୋଟ ୩୯ ଭୋଟରୁ ୩୨ଟି ଭୋଟ ଅନାସ୍ଥା ସପକ୍ଷରେ ଯାଇଥିବାବେଳେ ୭ଟି ବିପକ୍ଷରେ ଯାଇଥିଲା। ଏମ୍‌ପି, ବିଧାୟକ ଓ ଜଣେ ସଭ୍ୟ ମତଦାନ ବେଳେ ଅନୁପସ୍ଥିତ ଥିଲେ। ଉପଜିଲାପାଳ ଲଗ୍ନଜିତ୍ ରାଉତଙ୍କ ନିର୍ଦ୍ଦେଶ ଅନୁସାରେ ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥି ହାଁସଦା ଅନାସ୍ଥା ଭୋଟ କରାଇଥିଲେ। ଭାପୁର ତହସିଲଦାର ତୃପ୍ତି ମହାନ୍ତି ମାଜିଷ୍ଟ୍ରେଟ ଭାବେ ନିୟୋଜିତ ହୋଇଥିଲେ। ମତ ସଂଗ୍ରହ ସମୟ ପୂର୍ବରୁ ଭାପୁର ବ୍ଲକରେ ୧୪୪ ଧାରା ଜାରି ସହିତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନା ଅନୁଯାୟୀ, ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାପୁର ବ୍ଲକକୁ ବିଜେଡି ନିଜ ଦଖଲରେ ରଖିଥିଲା। ଶାନ୍ତିଲତା ଅଧ୍ୟକ୍ଷା ଓ ଗୟାଧର ପରିଡ଼ା ଉପାଧ୍ୟକ୍ଷ ହୋଇଥିଲେ। ସବୁକିଛି ଠିକ୍ ଚାଲିଥିଲା। ହେଲେ ଅଧ୍ୟକ୍ଷା ଶାନ୍ତିଲତା ଉପାଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ କରିବା ପରେ ସବୁକିଛି ଓଲଟପାଲଟ



ପୋଲିସ ପହରା ଦେଉଛି।

ହୋଇଯାଇଥିଲା। ତାଙ୍କ ସରକାରୀ କାର୍ଯ୍ୟାଳୟକୁ ବ୍ଲକ ଉପାଧ୍ୟକ୍ଷ ଜବରଦଖଲ କରି ରଖିବା, ବ୍ଲକ୍ ଅଫିସକୁ ନ ଆସିବାକୁ ଅଧ୍ୟକ୍ଷାଙ୍କୁ ଧମକ ଦେବା, ସରକାରୀ କାର୍ଯ୍ୟରେ ଉପାଧ୍ୟକ୍ଷ ସବୁ ସମୟରେ ବାଧା ଦେବା, ଜାଲ ଦସ୍ତଖତ ଓ ଜାଲ ଲେଟର ପ୍ୟାଡ୍‌କୁ ବ୍ୟବହାର କରି ସରକାରୀ ଟଙ୍କା ଆତ୍ମସାତ୍, ଅନେକ କୋଟି ଟଙ୍କାର ଫଲ୍‌ସ ବିଲ୍ କରାଇ ଅଧ୍ୟକ୍ଷାଙ୍କୁ ଫସାଇବା ନେଇ ଫତେଗଡ଼ ଥାନାରେ ଜୁଲାଇ ୧୧ରେ ଅଭିଯୋଗ ହୋଇଥିଲା। ପ୍ରତିବାଦ କରିବାରୁ ବିଭିନ୍ନ ସମୟରେ ହତ୍ୟା ଧମକ, ଜାତିଆଣ ଆକ୍ଷେପ ସହିବାକୁ ପଡ଼ିଥିବା ଅଧ୍ୟକ୍ଷା ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ



ଶାନ୍ତିଲତା ବେହେରା

ଗତ ଜୁଲାଇ ୧୫ରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହା ପରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିଲା। ଅନ୍ୟପକ୍ଷେ ଅଧ୍ୟକ୍ଷା ଥାନାରେ

## କାମ ଦେଲାନି ବିରୋଧୀଙ୍କ ଗୋଟିଚାଳନା

ଅଭିଯୋଗ କରିବା ପରେ ଗତ ଜୁଲାଇ ୧୩ରେ ଉପାଧ୍ୟକ୍ଷଙ୍କ ସହଯୋଗୀମାନେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ କରିଥିଲେ। ବ୍ଲକର ୧୮ଜଣ ସମିତିସଭ୍ୟ ଓ ସରପଞ୍ଚଙ୍କ ସ୍ୱାକ୍ଷର ଥିବା ଏହି ଆବେଦନପତ୍ରକୁ ୫ଜଣ ପଞ୍ଚାୟତ ପ୍ରତିନିଧି ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଏକାଠି କାମ କରୁଥିବା ଦୁଇ ନେତା ପରସ୍ପର ବିରୋଧରେ ଆକ୍ଷେପ ପ୍ରତିଆକ୍ଷେପ କରିଥିଲେ। ଉପାଧ୍ୟକ୍ଷ ଗୟାଧରଙ୍କ ରାଜନୈତିକ ପକ୍ଷ ଛେଦନ କରିବାକୁ ନିଜ ଦଳର ବିରୋଧୀ ଗୋଟିଚାଳନା କରିଥିଲେ। ହେଲେ ଅନାସ୍ଥାରେ ଅଧ୍ୟକ୍ଷା ହାରିଯିବା ପରେ ଗୟାଧର ନିଜ ରଣକୌଶଳ ବଜାୟ ରଖିପାରିଛନ୍ତି ବୋଲି ରାଜନୈତିକ ବିଶାରଦମାନେ କହିଛନ୍ତି। ଅନ୍ୟପକ୍ଷେ ଶାନ୍ତିଲତାଙ୍କୁ ତାଙ୍କ ପଦବୀରୁ ପଦଚ୍ୟୁତ କରାଯାଇଛି ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି।

# 'ଦୁର୍ନୀତି ବିରୋଧରେ ମୁହଁ ଖୋଲି ପଦ ହରାଇଲି'

**ନୟାଗଡ଼ ଅଫିସ, ୧୭।୮**

ନୟାଗଡ଼ ଜିଲା ଭାପୁର ବ୍ଲକ୍‌ର ଅଧ୍ୟକ୍ଷା ଶାନ୍ତିଲତା ବେହେରା ମଙ୍ଗଳବାର ଅନାସ୍ଥା ଭୋଟରେ ହାରିବା ପରେ କହିଛନ୍ତି, ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାରୁ ପଦ ହରାଇଲି। ମୋର ଅଭିଯୋଗକୁ ତଦନ୍ତ କରାଗଲା ନାହିଁ। ୧୬ ସରପଞ୍ଚ, ସମିତି ସଭ୍ୟଙ୍କ ନାଁରେ ମାମଲା ରୁଜୁ ହେଲା ଅଥଚ ସେମାନଙ୍କୁ ସୁରକ୍ଷା ଦିଆଗଲା। ପୁଣି ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ସମେତ ୩ଜଣଙ୍କୁ ଅନୁରୂପ ଭାବେ ସୁରକ୍ଷା ଦିଆଗଲା। ମୋର ଜାଲ ଦସ୍ତଖତ କରି ଉପାଧ୍ୟକ୍ଷ ୮୦ କୋଟି ଟଙ୍କା ବିଭିନ୍ନ ଉନ୍ନୟନ କାମ କରାଇଛନ୍ତି। ଏଥିରେ ବହୁ କାମ ନ କରି ଫଲସ ବିଲ୍ ହୋଇଛି। ସେହିପରି ଯାହା କାମ ହୋଇଛି ତାହା ନିମ୍ନମାନର। ମୁଁ ଜଣେ ଆଦିବାସୀ ମହିଳା ସତ୍ୟର ଉନ୍ମୋଚନ କରିବାକୁ ଚେଷ୍ଟା କରିଥିଲି। ହେଲେ ମୋତେ ସହଯୋଗ ନ କରି ହଟାଇ ଦିଆଗଲା। କ୍ଷମତାରେ ରହି ଯଦି ଲୋକଙ୍କ ପାଇଁ କାମ କରି ପାରିବି ନାହିଁ ସେପରି କ୍ଷମତାରେ ରହି ଲାଭ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଉପାଧ୍ୟକ୍ଷ ଗୟାଧର ପରିଡ଼ା କୁହନ୍ତି, ପୂର୍ବତନ ଅଧ୍ୟକ୍ଷାଙ୍କ ଅଭିଯୋଗର ତଦନ୍ତ ହେଉ। ଯିଏ ଦୋଷୀ ସେ ଦଣ୍ଡ ପାଉ। ଅନାସ୍ଥା ଭୋଟରେ ଧର୍ମର ଜୟ ହୋଇଛି। ସବୁ କିଛି ଠିକ୍ ଚାଲିଛି।

# ଚିକିତ୍ସାରେ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ନୟାଗଡ଼ ଅଫିସ,୧୭।୮**

ଜ୍ୱର ଭଲ ହେବା ପରେ ବି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା କରଡା ବ୍ରାହ୍ମଣ ଶାସନର ସୁବାସୀ ପ୍ରଧାନ (୪୫) ସୁବାସୀ ଚିକିତ୍ସା ପାଇଁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୮ ଦିନ ହେଲା ଯାଉଥିଲେ। ଡାକ୍ତର ଆଡ଼ମିଶନ ନ କରି ଔଷଧ ଲେଖି ଘରକୁ ପଠାଇ ଦେଉଥିଲେ। ମଙ୍ଗଳବାର ରୋଗୀଙ୍କ ମୃତ୍ୟୁ ପରେ ପରିବାର ଲୋକ ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟଣା ଘଟିଛି ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସୁବାସୀ ସୋମବାର ସେ ପୁଣି ଥରେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକେ ତାଙ୍କୁ ଆଡମିଶନ କରି ଚିକିତ୍ସା କରାଇବାକୁ କହିଥିଲେ। ଏପରି କି କରୋନା ଟେଷ୍ଟ କରିବାକୁ କହିଥିଲେ। ଡାକ୍ତର କରୋନା ଟେଷ୍ଟ କରିବାକୁ ପରାମର୍ଶ ଦେଇଥିଲେ। ହେଲେ କୋଭିଡ୍ ଟେଷ୍ଟ କରିବାକୁ ପ୍ରେସକ୍ରିପଶନରେ ଉଲ୍ଲେଖ କରି ନ ଥିଲେ। ସୋମବାର ପରିବାର ଲୋକେ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟେଷ୍ଟ କରିବାକୁ ଯାଇଥିଲେ। ସେଠାରେ କୋଭିଡ୍ ଟେଷ୍ଟ କରୁଥିବା କର୍ମଚାରୀ ଅନୁପସ୍ଥିତ ଥିବା ଜଣା ପଡିଥିଲା। ଏଣୁ ପରିବାର ଲୋକେ ବାଧ ହୋଇ ତାଙ୍କୁ ଘରକୁ ନେଇ ଯାଇଥିଲେ। ଔଷଧ ଖାଇବା ପରେ ରୋଗ କମିବା ପରିବର୍ତ୍ତେ ବଢ଼ି ଚାଲିଥିଲା। ପରିବାର ଲୋକେ ସୁବାସୀଙ୍କୁ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସୁବାସୀ ନିଜେ ଅଟୋରିକ୍ସାରୁ ଓହ୍ଲାଇ ଚାଲି ଚାଲି ଡାକ୍ତରଖାନାକୁ ଯାଇଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା।

ଏନେଇ ରୁଷିଆ ପ୍ରଧାନ କୁହନ୍ତି, ମୋ ସାନ ଭାଇଙ୍କ ସ୍ତ୍ରୀ ସୁବାସୀଙ୍କ ଜ୍ୱର ଭଲ ହେବା ପରେ ମୃତ୍ୟୁ ଘଟିଛି। ଏହାର କାରଣ ଜାଣି ହେଉନାହିଁ। ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟଣା ଘଟିଛି। ଜଣେ ରୋଗୀ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଡ୍‌ମିଶନ ହେବାକୁ କହୁଛନ୍ତି। ହେଲେ ଡାକ୍ତର ତାଙ୍କ ଅନୁରୋଧ ନ ରଖି ଘରକୁ ପଠାଇ ଦେବା ଠିକ୍ ହେଇନାହିଁ। ଏ ସଂକ୍ରାନ୍ତରେ ମୁଁ ସିଡିଏମ୍‌ଓଙ୍କୁ ଫୋନ କରିଥିଲି। ସେ ଫୋନ ଉଠାଇଲେ ନାହିଁ। ବୁଧବାର ମୁଁ ଲିଖିତ ଭାବେ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

# ଆରମ୍ଭ ହେଲା 'ମିଶନ ମୋ ଚାଟଶାଳୀ'

**ଦଶପଲ୍ଲା,୧୭।୮(ଡି.ଏନ.ଏ.)**

କରୋନା କଟକଣା ଯୋଗୁ ୨୦୨୦ ମାର୍ଚ୍ଚରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଏଥିରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ପ୍ରଥମ ଶ୍ରେଣୀରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ର। ମଙ୍ଗଳବାରଠାରୁ ୯ମ ଶ୍ରେଣୀ ଖୋଲିଛି। ହେଲେ ପ୍ରଥମରୁ ୮ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଭବିଷ୍ୟତ ଏବେ ବି ଅନିଶ୍ଚିତତା ମଧ୍ୟରେ ରହିଛି। ଏହାକୁ ଆଖିରେ ରଖି ମହିଳା ଜୀବିକା ସୁରକ୍ଷା ମଞ୍ଚ ଆରମ୍ଭ କରିଛି ମିଶନ ମୋ ଚାଟଶାଳୀ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାରେ ପ୍ରଥମେ ୧ଲକ୍ଷ ଓ ପରେ ୫ଲକ୍ଷ ପିଲାଙ୍କୁ ଶିକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ପଞ୍ଚାୟତରେ ଏଭଳି କେନ୍ଦ୍ର ଖୋଲାଯିବ। ଏବେ ଦଶପଲ୍ଲା ବ୍ଲକର ୧୪ଟି ପଞ୍ଚାୟତରେ ୧୦୦ଟି କେନ୍ଦ୍ର ଖୋଲାଯାଇଛି। ଗ୍ରାମର ସ୍ୱେଚ୍ଛାସେବୀମାନେ ଏହି



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।

କେନ୍ଦ୍ରର ଶିକ୍ଷାଦାନ ଦାୟିତ୍ୱରେ ରହିବେ। ସଙ୍ଗଠନ ସେମାନଙ୍କୁ କୌଣସି ପାରିଶ୍ରମିକ ଦେବନାହିଁ। ଅଭିଭାବକମାନେ ଚାହିଁଲେ କିଛି ସହଯୋଗ କରି ପାରିବେ। ମଞ୍ଚର କର୍ମକର୍ତ୍ତାମାନେ ମଙ୍ଗଳବାର ଦଶପଲ୍ଲାଠାରେ ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାନେତ୍ରୀ ବିଳାସ କହଁର, ବ୍ଲକ୍ ସଂଯୋଜକ କୁନାକାନ୍ତ ବେହେରା,ଆଇନଜୀବି ଶରତ ବେହେରା, ସସ୍ମିତା ବଳିଆରସିଂ, ପଦ୍ମାବତୀ ମଲ୍ଲିକ, ତିଳୋତ୍ତମା ନାଏକ, ନିତ୍ୟାନନ୍ଦ ନାଏକ,ରବିନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ଗାଁ କଲେଜର ଯୁକ୍ତ ଦୁଇ ବିଜ୍ଞାନ, କଳା ସିଟ୍ ସଂଖ୍ୟା ବଢ଼ିଲା

**ଓଡ଼ଗାଁ,୧୭।୮(ସ୍ୱ.ପ୍ର.)**

ଚଳିତ ବର୍ଷ କରୋନା କଟକଣା ଯୋଗୁ ମାଟ୍ରିକ ପରୀକ୍ଷା ବାତିଲ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସ୍କୁଲ ପରୀକ୍ଷା ନମ୍ବରକୁ ଭିତ୍ତିକରି ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ହେଲେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ସର୍ବାଧିକ ହୋଇଥିଲା। ଏହି କାରଣରୁ ରାଜ୍ୟ ସରକାର ବିଭିନ୍ନ କଲେଜରେ ଯୁକ୍ତ ୨ ସିଟ୍ ସଂଖ୍ୟା ବୃଦ୍ଧି କରିଛନ୍ତି। ଏହିକ୍ରମରେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ସିଟ୍ ସଂଖ୍ୟା ୧୬୦ରୁ ୨୨୪କୁ ଏବଂ ଯୁକ୍ତ ୨ କଳା ସିଟ୍ ସଂଖ୍ୟା ୨୮୮ରୁ ୪୧୬କୁ ବୃଦ୍ଧି କରାଯାଇଛି। ଯୁକ୍ତ ୨ରେ ସିଟ ସଂଖ୍ୟା ବୃଦ୍ଧି କରିବାକୁ ବହୁବାର ଦାବି ହୋଇ ଆସୁଥିଲେ ସୁଦ୍ଧା ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ହେଲେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଏନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପରେ ସିଟ୍ ସଂଖ୍ୟା ବୃଦ୍ଧି ପାଇଛି।

# ୩୧ରୁ ଗଡିବ ନୟାଗଡ଼କୁ ଟ୍ରେନ

**ନୟାଗଡ଼ ଅଫିସ,୧୭।୮**

ଚଳିତ ମାସ ୩୧ ତାରିଖରୁ ଭୁବନେଶ୍ୱରରୁ ନୟାଗଡ଼କୁ ଟ୍ରେନ୍ ଚଳାଚଳ କରିବ। ଟ୍ରେନ ନିର୍ଦ୍ଧାରିତ ଷ୍ଟେଶନ ଓ ସମୟ ଅନୁଯାୟୀ ଚାଲିବ ବୋଲି ଖୋର୍ଦ୍ଧା ଡିଭିଜନ ପକ୍ଷରୁ ନିଷ୍ପତ୍ତି ହୋଇଛି। କରୋନାର ୨ୟ ଲହର ପରେ ଗତ ଏପ୍ରିଲ ୨୭ରୁ ନୟାଗଡ଼କୁ ଟ୍ରେନ ଚଳାଚଳ ବନ୍ଦ ରହିଛି। କରୋନାର ଆଳ ଦେଖାଇ ପୂର୍ବତଟ ରେଳବାଇ ନୟାଗଡ଼ ଜିଲା ସଦର ମହକୁମାର ନୟାଗଡ଼ ଟାଉନ ଷ୍ଟେଶନ ସମେତ ମହିପୁର, ସୁନାଖଳା, ଖୋର୍ଦ୍ଧା ଟାଉନ, ବେଗୁନିଆ, ବୋଲଗଡ ଆଦି ଷ୍ଟେଶନରୁ କର୍ମଚାରୀଙ୍କୁ ସମୁହ ବଦଳି କରିଥିଲେ। କର୍ମଚାରୀଙ୍କ ସମୁହ ବଦଳି ପରେ ସବୁ ଷ୍ଟେଶନରେ ତାଲା ଝୁଲିଥିଲା। ଜିଲାବାସୀ ଓ ଜିଲା କଂଗ୍ରେସ ପୂର୍ବତଟ ରେଳବାଇର ଏପରି ନିଷ୍ପତ୍ତିର ପ୍ରତିବାଦ କରି ଆନ୍ଦୋଳନ କରିବାକୁ ଧମକ ଦେଇଥିଲେ। ସେହିପରି କର୍ମଚାରୀ ବଦଳି ପରେ ଖୋର୍ଦ୍ଧା ଓ ନୟାଗଡ଼ ସେକ୍ସନର କାମକୁ ପୂର୍ବତଟ ରେଳବାଇ ବନ୍ଦ କରିଥିଲା। ପୁଣି ନୟାଗଡ଼ରୁ ମହିପୁର ବିଦ୍ୟୁତ୍ କରଣ କାର୍ଯ୍ୟ ଓ ମହିପୁର ଦଶପଲ୍ଲା ରେଳପଥ କାମ ବନ୍ଦ ହୋଇଥିଲା। ରେଳପଥ କାମ ବନ୍ଦ କରାଇବା ପରେ ୨୦୨୧ ସୁଦ୍ଧା ଦଶପଲ୍ଲାକୁ ରେଳ ଚଳାଚଳର ଆଶା ମଉଳି ଯାଇଥିଲା। ଏଭଳିସ୍ଥଳେ ନୟାଗଡକୁ ରେଳ ଚଳାଚଳ ନେଇ ମନ୍ତ୍ରୀ ଅରୁଣ ସାହୁ ରେଳ ବିଭାଗକୁ ଅନୁରୋଧ କରିଥିଲେ। ରେଳ ଚଳାଚଳ ନେଇ ପୂର୍ବତଟ ରେଳପଥର ଉପମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ ଗତ ୧୦ ତାରିଖରେ ଖୋର୍ଦ୍ଧା ଡିଭିଜନର ଡିଭିଜିନାଲ ମ୍ୟାନେଜରଙ୍କୁ ଚିଠି ଲେଖିଥିଲେ।

## ଆବାସ ଯୋଜନାରେ ମିଳୁନି ଗୃହ

**ନିର୍ମାଣ ଶ୍ରମିକଙ୍କ ପଞ୍ଚାୟତ ଘେରାଉ**

**ନୟାଗଡ଼ ଅଫିସ,୧୭।୮**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ଶ୍ରମିକଙ୍କୁ ଗୃହ ମିଳୁନି। ଏହାର ପ୍ରତିବାଦରେ ନିର୍ମାଣ ଶ୍ରମିକମାନେ ଉତ୍ତେଜିତ ହୋଇ ମଙ୍ଗଳବାର ଓଡ଼ଗାଁ ବ୍ଲକର କଜଳାଇପଲ୍ଲୀ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ସେମାନଙ୍କୁ କାର୍ଯ୍ୟାଦେଶ ମିଳିବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିବ ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି। ନିର୍ମାଣ ଶ୍ରମିକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ଶ୍ରମିକଙ୍କୁ ଗୃହ ଯୋଗାଇବାକୁ ୨୦୧୯ ମସିହାରେ ଜିଲାପାଳ ଓଡଗାଁ ବ୍ଲକକୁ ଚିଠି କରିଛନ୍ତି। ଏଭଳିସ୍ଥଳେ ସେମାନଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରାଯାଇ ଉପେକ୍ଷା କରାଚାଲିଛି ବୋଲି ଆନ୍ଦୋଳନକାରୀ କହିଛନ୍ତି।

# ଓଦା ବର୍ଜ୍ୟବସ୍ତୁ ସଂଗ୍ରହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ନୟାଗଡ଼ ଅଫିସ, ୧୭।୮**

ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ନୟାଗଡ଼ ପୌର ପରିଷଦ ପକ୍ଷରୁ ଗତ୧୬ ତାରିଖରୁ ଆରମ୍ଭ ହୋଇଛି ଓଦା ବର୍ଜ୍ୟବସ୍ତୁ ସଂଗ୍ରହ କାର୍ଯ୍ୟକ୍ରମ । ପ୍ରତି ଲୋକଙ୍କ ଘରୁ ପ୍ରତି ଶନିବାର ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ କ୍ଷେତ୍ରୀ ବରପୁରସ୍ଥିତ ପ୍ଲାଣ୍ଟକୁ ଯିବ। ସ୍ୱଚ୍ଛ ସାଥୀଙ୍କ ସହଯୋଗରେ ବ୍ୟାଟେରୀ ଚାଳିତ ଗାଡ଼ିରେ ମହିଳା ସଫେଇ କର୍ମଚାରୀ ଏ ସବୁ ସଂଗ୍ରହ କରିବେ। ଏନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପରିମଳ ବିଶେଷଜ୍ଞ ବିବେକାନନ୍ଦ ପ୍ରଧାନ ଓ ସୁପରଭାଇଜର ଏହାକୁ ପରିଚାଳନା କରିଥିଲେ । ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତି ଶନିବାର ଇଲକ୍ଟ୍ରୋନିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ।




ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଅଭିଶପ୍ତ ଜୀବନ ବିତାଉଛନ୍ତି କୁମୁଟିପଙ୍କାଳବାସୀ

**ପାରଳାଖେମୁଣ୍ଡି,୧୭।୮(ଡି.ଏନ୍.ଏ.)**

ଗଜପତି ଜିଲା ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତର କୁମୁଟିପଙ୍କାଳ ଗ୍ରାମରେ ବିକାଶ ସମ୍ପୂର୍ଣ୍ଣ ଭାବେ ଅପହଞ୍ଚ। ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବର୍ଷ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ହେଉନାହିଁ। ଗଞ୍ଜାମ-ଗଜପତି ଜିଲା ସୀମାନ୍ତରେ ବୃଷା ଓ ବାଗଦେଇ ପାହାଡ଼ ଘେରରେ ରହିଛି କୁମୁଟିପଙ୍କାଳ ଗ୍ରାମ। ୨୬ ଆଦିବାସୀ ପରିବାରର ୧୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ଗାଁରେ ବସବାସ କରନ୍ତି। ବର୍ଷ ବର୍ଷ ଧରି ଗ୍ରାମବାସୀ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ଆଲୋକ ଭଳି ବିଭିନ୍ନ ମୌଳିକ ସବୁଧାରୁ ବଞ୍ଚିତ ହୋଇ



ବିପର୍ଯ୍ୟସ୍ତ ରାସ୍ତା।

ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ନିରକ୍ଷରତାର ସୁଯୋଗ ନେଇ ଏଠାକାର ବିକାଶ କ୍ଷେତ୍ରରେ ବ୍ଲକ ଓ ଜିଲା ପ୍ରଶାସନଠାରୁ ଆରମ୍ଭ କରି ନିର୍ବାଚିତ ଜନ ପ୍ରତିନିଧିମାନେ ଭୁଆଁ ବୁଲାଇ ଚାଲାଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ଭଲ ରାସ୍ତା ନାହିଁ। ପାଦଚଲା ଅବାଟ ରାସ୍ତା ଏମିତି ଶୋଚନୀୟ ଅବସ୍ଥାରେ ରହିଛି ଯେ, ଥରେ ବର୍ଷା ହେଲେ ୩/୪ ଦିନ ପର୍ଯ୍ୟନ୍ତ ସେହି ରାସ୍ତା ଦେଇ ଯାତାୟାତ ଅସମ୍ଭବ। ବହୁବାର ଏଠାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି ହୋଇଥିଲେ ହେଁ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପାନୀୟଜଳ ପାଇଁ ରହିଥିବା ୪ ନଳକୂପ ମଧ୍ୟରୁ ୨ଟି ଦୀର୍ଘବର୍ଷ ହେଲା ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ୨ରେ ବହୁ କଷ୍ଟରେ ପାଣି ଆସୁଛି। ଗ୍ରାମରେ କୂଅ, ପୋଖରୀ ନାହିଁ। ଫଳରେ ଟୋପାଏ ପାଣି ପାଇଁ ମହିଳାମାନେ ଗ୍ରାମଠାରୁ ଦୀର୍ଘ ଦେଢ କିମି ଦୂରରେ ଥିବା ମଦଗଡା ପାହାଡ଼ ଚଢି ଏକ ପଥର କୋରଡରୁ ପାଣି ଆଣୁଛନ୍ତି। ତେବେ ଗ୍ରାମରେ ୮ ଇଞ୍ଚିଆ ବୋର-ୱେଲ ଖୋଳାଇ ତାଦ୍ୱାରା ପାନୀୟଜଳ ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୁମୁଟିପଙ୍କାଳରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସବୁ ଦିନପାଇଁ ବିପର୍ଯ୍ୟସ୍ତ ଓ ହୋଇପଡିଛି। ଯାହାକି ଗ୍ରାମରେ ଜଣେ ହେଲେ ମଧ୍ୟ ଲେଖାପଢ଼ା ଜାଣି ନାହାନ୍ତି। ବିଦ୍ୟୁତ୍ ଆଲୋକ କହିଲେ ଏଠାରେ ସୋଲାର ଲାଇଟ ସିଷ୍ଟମ ସମସ୍ତଙ୍କ ଘରେ ଯୋଗାଇ ଦିଆଯାଇଛି । ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ରୋଗୀକୁ ଖଟ କିମ୍ବା ଅନ୍ୟ ଉପାୟରେ ବୋହିନେଇ ଗଞ୍ଜାମ ଜିଲାର ଡେଙ୍ଗାଓସ୍ତା ନଚେତ ବଡ ସାମନ୍ତରା ପୁର ସ୍ଥିତ ଡାକ୍ତରଖାନାରେ ପହଞ୍ଚାଇ ଥାଆନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ପଚାରିବାରୁ ଉପରୋକ୍ତ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ଦିଗରେ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମେଘଦୂତ ଆପ୍ ଜରିଆରେ ପାଣିପାଗ ସୂଚନା

**ଭଞ୍ଜନଗର,୧୭।୮(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡରେ ବର୍ଷା ନାହିଁ। ବର୍ଷା ଅଭାବରୁ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷ ଜମି ପଡ଼ିଆ ପଡ଼ିଛି। ଏହିଭଳି ପରିସ୍ଥିତିରେ ଚାଷୀମାନଙ୍କୁ ପାଣିପାଗ ସମ୍ପର୍କରେ ଆଗୁଆ ସଚେତନତା କରିବା ପାଇଁ ଆଇଏମ୍‌ଡି, ଭୂବିଜ୍ଞାନ ବିଭାଗ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପକ୍ଷରୁ ମିଳିତ ଭାବେ ପଦକ୍ଷେପ ନିଆଯାଇଛି। ମେଘଦୂତ୍ ଆପ୍ ଜରିଆରେ ଚାଷୀମାନେ ୫ଦିନ ଆଗରୁ ପାଣିପାଗ ସମ୍ପର୍କରେ ଜାଣିପାରିବେ। ସର୍ବାଧିକ ତାପମାତ୍ରା, ପବନର ବେଗ, ଆଦ୍ରତା ଏଥିସହ ଚାଷ କାର୍ଯ୍ୟ ଉପରେ ଆଞ୍ଚଳିକ ଭାଷାରେ ମଙ୍ଗଳବାର ଓ ଶୁକ୍ରବାର ଜାଣିପାରିବେ। ଉକ୍ତ ଆପ୍ ଚାଷୀମାନେ ବିନା ମୂଲ୍ୟରେ ମୋବାଇଲରେ ଡାଉନଲୋଡ୍ କରିପାରିବେ ବୋଲି ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି ।